ଧରିତ୍ରୀ
DHARITRI

March 17-23, 2024 ₹ 2/-

ଧରିତ୍ରୀ DHARITRI 50 Years

ଛୁଟିଦିନ

# ପଖାଳ କଥା

ପଖାଳ କେବଳ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ନୁହେଁ, ଏହା ତାଙ୍କ ଭାବପ୍ରବଣତା ଓ ପରମ୍ପରାର ବି କଥା କହେ...



ପ୍ରଚ୍ଛଦ ପ୍ରସଙ୍ଗ

୩

# କେଉଁ କାମ ମାତା ଲକ୍ଷ୍ମୀଙ୍କୁ ନାପସନ୍ଦ

ଭଲ ହେଉ କି ମନ୍ଦ, ପ୍ରତ୍ୟେକ କାମର କିଛି ନା କିଛି ପରିଣାମ ରହିଥାଏ। କିଛି କାମ ଘର ପାଇଁ ଉନ୍ନତିର ପଥ ଖୋଲିଥାଏ ତ ଆଉ କିଛି କାମ ଘରକୁ ବିପଦ ଟାଣି ଆଣିଥାଏ। ଏଠାରେ ସେମିତି କିଛି କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯାହାକୁ କଲେ ଘରେ ନକାରାତ୍ମକ ଊର୍ଜ୍ଜା ବଢିବା ସହ ମାତା ଲକ୍ଷ୍ମୀ ବି ଅସନ୍ତୁଷ୍ଟ ହୋଇଥାନ୍ତି...

✲ କିଛି ଲୋକଙ୍କର ରାତିର ଅଇଁଠା ବାସନକୁ ସକାଳେ ମାଜିବାର ଅଭ୍ୟାସ ଥାଏ। କିନ୍ତୁ ଏହି ଅଭ୍ୟାସ ଯୋଗୁ ଘରେ ନକରାତ୍ମକ ଊର୍ଜ୍ଜା ବୃଦ୍ଧି ପାଇବା ସହ ମାତା ଲକ୍ଷ୍ମୀ ବି ରୋଷ କରିଥାନ୍ତି। ତେଣୁ ଖାଇ ସାରିବା ପରେ ଅଇଁଠା ବାସନକୁ ଶୀଘ୍ର ଧୋଇଦେବା ଭଲ।

✲ ବିଛଣାରେ କେବେ ବି ଚିରା, ମଇଳା ଚାଦର ପକାଇବେ ନାହିଁ। ଏହାଦ୍ୱାରା ବି ଘରେ ନକାରାତ୍ମକ



ଊର୍ଜ୍ଜା ସୃଷ୍ଟି ହୋଇଥାଏ। ତେଣୁ ସକାଳୁ ଉଠିବା ପରେ ବିଛଣା ଚାଦରକୁ ସଙ୍ଗେସଙ୍ଗେ ସଜାଡି ଦେବେ, ଯଦି ମଇଳା ହୋଇଥିବ ଏହାକୁ ସଫା କରିଦେବେ।

✲ ପ୍ରତିଦିନ ପୂଜା କରିବା ପୂର୍ବରୁ ଓ ପରେ ଠାକୁର ଘରକୁ ସଫା କରିବା ଦରକାର। ଠାକୁର ଘର ସଫାସୁତୁରା ରହିଲେ ମାତା ଲକ୍ଷ୍ମୀ ଖୁସି ହୋଇଥାନ୍ତି ; ଯଦ୍ୱାରା ଘରର ଉନ୍ନତି ହୋଇଥାଏ।

✲ କିଛି ଲୋକଙ୍କର ଜୋତାକୁ ଏଣେତେଣେ ଫୋପାଡିବାର ଅଭ୍ୟାସ ଥାଏ। ଖାସ୍ କରି ମୁଖ୍ୟଦ୍ୱାରା ସମ୍ମୁଖରେ ଜୋତାକୁ ଏଣେତେଣେ ଫୋଫାଡିଲେ ମାତା ଲକ୍ଷ୍ମୀ ରୋଷ କରିଥାନ୍ତି ; ଯାହା ଫଳରେ ଘରେ ଆର୍ଥିକ ସମସ୍ୟା ଦେଖାଯାଏ ବୋଲି ବିଶ୍ୱାସ ରହିଛି।

✲ ଆଉ କିଛି ଲୋକ ଅଛନ୍ତି ; ଯେଉଁମାନେ ଖାଇସାରିବା ପରେ ଖାଦ୍ୟ ଥାଳିରେ ହିଁ ହାତ ଧୋଇ ଦିଅନ୍ତି। ଏପରି କଲେ ବି ଆର୍ଥିକ ସ୍ଥିତି ଦୁର୍ବଳ ହୁଏ ବୋଲି ବିଶ୍ୱାସ ଅଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧୭-୨୩

**ମେଷ**: ମାନସିକ ସ୍ଥିତି ଭଲ ରହିବ, କର୍ମକ୍ଷେତ୍ରରେ ଉତ୍ସାହିତ ହେବେ, ନୂଆ ବନ୍ଧୁ ଜୁଟିବେ, ବିଶିଷ୍ଟବ୍ୟକ୍ତିଙ୍କ ସହ ଆଲୋଚନା, ବ୍ୟବସାୟିକ ସମସ୍ୟା, ବିବାଦୀୟ ହୋଇପାରନ୍ତି ॥

**ବୃଷ**: କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ସମାଲୋଚିତ ହୋଇପାରନ୍ତି, ବନ୍ଧୁ ମିଳନରୁ ନୂଆ ସମ୍ପର୍କ, ସ୍ୱାସ୍ଥ୍ୟହାନିରୁ ଦୁଃଶ୍ଚିନ୍ତା, ପଡୋଶୀଙ୍କ ସହ ମନୋମାଳିନ୍ୟ, ପଦମର୍ଯ୍ୟାଦା ବୃଦ୍ଧି ପାଇବ ॥

**ମିଥୁନ**: କର୍ମକୁଶଳତାରୁ ଭର୍ତ୍ସନା, ବନ୍ଧୁଙ୍କ ସାହାଯ୍ୟ ସହଯୋଗ, କୃତକାର୍ଯ୍ୟ ହୋଇପାରନ୍ତି, ଖୁସିର ଆସର ଜମିପାରେ, ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ॥

**କର୍କଟ**: ଆନୁଷ୍ଠାନିକ କର୍ମାରମ୍ଭ, ମନୋରଞ୍ଜନ କାର୍ଯ୍ୟକ୍ରମ, ମାନସିକ ଚାପ ବୃଦ୍ଧି ପାଇବ, ଶୁଭଖବର ପାଇବେ, ଶାରିରୀକ ସୁସ୍ଥତା, ଅର୍ଥ ସଙ୍କଟ ଟଳିଯିବ ॥

**ସିଂହ**: ଦୈହିକ ଦୁର୍ବଳତା, ଆର୍ଥିକ ଦୁରବସ୍ଥା, ଧନବ୍ୟୟରୁ ଅନୁଶୋଚନା, ସମ୍ପର୍କହାନୀରୁ ଅନୁତାପ, ପରିସ୍ଥିତିର ମୁକାବିଲା କରିବେ, ସହକର୍ମୀଙ୍କ ଅସହଯୋଗ ॥

**କନ୍ୟା**: ସମୟାନୁବର୍ତ୍ତିତାରୁ ପ୍ରଶଂସା, ନୈତିକତାସମ୍ପନ୍ନ ହେବେ, ପରୋପକାର ପ୍ରବୃତ୍ତିରୁ ପ୍ରଶଂସା, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ସ୍ତ୍ରୀଙ୍କ ଚିଡା ସ୍ୱଭାବରେ ବିରକ୍ତି, ଉଚ୍ଚବର୍ଗଙ୍କ ସହାୟତା ॥

**ତୁଳା**: ଅପ୍ରିୟସତ୍ୟ ପ୍ରକାଶରୁ ବିବାଦ, ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା, ଘରକାମରେ ବ୍ୟସ୍ତ ରହିବେ, ଆଶାନୁଯାୟୀ ପାରିଶ୍ରମିକପ୍ରାପ୍ତି, ସଙ୍ଗଦୋଷରୁ ସମାଲୋଚନା, ଧର୍ମକାର୍ଯ୍ୟରେ ମନୋନିବେଶ ॥

**ବିଛା**: ମାନସିକ ସ୍ଥିରତା, ସାଙ୍ଗଠନିକ କାର୍ଯ୍ୟାରମ୍ଭ, ରାଜନୀତିରେ ନେତୃତ୍ୱ ଲାଭ, ବନ୍ଧୁ କ୍ଷୁବ୍ଧ ହେବେ, ଅସମ୍ପୂର୍ଣ୍ଣ କାର୍ଯ୍ୟରୁ ବିରକ୍ତିବୋଧ, ସାମୟିକ ମନଦୁଃଖ, ପରିସ୍ଥିତି ହାଲୁକା ରହିବ, ଆଶା ଅନୁରୂପ ଫଳ ॥

**ଧନୁ**: ସାହସିକ ପଦକ୍ଷେପ, କଳାକୌଶଳ ପ୍ରଦର୍ଶନ, ଉଚ୍ଚ ପ୍ରଶଂସିତ ହେବେ, ସାମାଜିକ ସମ୍ମାନ, ଖୁସିର ଆସର ଜମିବ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ,ସମସ୍ୟାର ସମାଧାନ ହୋଇଯିବ, ଭୁଲ୍ ବୁଝାମଣା ସୃଷ୍ଟି ॥

**ମକର**: ବୈଷୟିକ ଅଭିବୃଦ୍ଧି, ସଭାସମିତିରେ ପ୍ରଶଂସା, ପରିବହନରେ ଝଗଡା, ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ, ପରିସ୍ଥିତି ବଦଳିଯିବ, ସ୍ୱାସ୍ଥ୍ୟ ସମସ୍ୟାରୁ ବ୍ୟସ୍ତତା, ମନଭାରାକ୍ରାନ୍ତ ରହିବ, ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟି ॥

**କୁମ୍ଭ**: ସେବା ମନୋବୃତ୍ତିରୁ ଲୋକପ୍ରିୟତା, ପରୋପକାରରୁ ପ୍ରଶଂସା, ଅର୍ଥ ଓ ସମ୍ମାନ ପାଇବେ, ବିବାଦୀୟ ହୋଇପାରନ୍ତି, ବ୍ୟବସାୟିକ ଉନ୍ନତି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ॥

**ମୀନ**: ନୂତନମୈତ୍ରୀ, ଋଣପ୍ରାପ୍ତିର ଆବେଦନ, ଶିକ୍ଷା ପରୀକ୍ଷାରେ ଆତ୍ମସନ୍ତୋଷ, ଅତୀତଘଟଣାର ଅନୁଚିନ୍ତା, ପ୍ରତିଯୋଗୀତାରେ ସଫଳତା, ଆମୋଦ ପ୍ରମୋଦର ମଉକା, ତୀର୍ଥାଟନର ସୁଯୋଗ ॥

# ସ୍ୱାସ୍ଥ୍ୟୋପଯୋଗୀ ଷ୍ଟ୍ରବେରୀ



ଷ୍ଟ୍ରବେରୀ ନାଲି ରଙ୍ଗର ଦେଖାଯାଉଥିବା ଏକ ଜୁସି ଫ୍ରୁଟ୍ ; ଯାହାକୁ ଖାଇଲେ ଖୁବ୍ ଟେଷ୍ଟି ଲାଗିବା ସହ ଶରୀରକୁ ଅନେକ ଉପକାର ମିଳିଥାଏ। ଯେହେତୁ ଷ୍ଟ୍ରବେରୀରେ ଭିଟାମିନ୍ ସି ରହିଛି ; ତେଣୁ ଏହାକୁ ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ଅଛି। ତା'ସହିତ ରେସ୍ପିରେଟରୀ ଇନ୍‌ଫେକ୍ସନର ସମ୍ଭାବନାକୁ କମ୍ କରିବାରେ ବି ଏହାର ଯଥେଷ୍ଟ ଭୂମିକା ରହିଛି। ଷ୍ଟ୍ରବେରୀରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଭରି ରହିଥିବାରୁ ଏହାକୁ ଖାଇଲେ ଶରୀରରେ କୋଲେଷ୍ଟ୍ରଲ୍‌ର ପରିମାଣ ନିୟନ୍ତ୍ରଣରେ ରହିଥାଏ ; ଯଦ୍ୱାରା ହାର୍ଟ ସୁସ୍ଥ ରହେ। ତା'ସହିତ ଏହା କ୍ୟାନ୍‌ସର୍ ସମସ୍ୟାକୁ ମଧ ଦୂରେଇ ରଖିଥାଏ। ସ୍ମରଣଶକ୍ତିକୁ ତ୍ୱରାନ୍ୱିତ କରିବାରେ ବି ଷ୍ଟ୍ରବେରୀର ବିଶେଷ ଭୂମିକା ରହିଛି। ସେହିପରି ଷ୍ଟ୍ରବେରୀରେ ଫାଇବର୍ ଥିବାରୁ, ଏହାକୁ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ବି ଅନେକାଂଶରେ ମୁକ୍ତି ମିଳିଥାଏ। ତା'ସହିତ ପାଚନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାରେ ବି ଏହା ଅନେକ ଉପକାର ଦେଇଥାଏ।

# ପାଠକୀୟ

✲ ଦିନେ ବଡି ବିଲ୍ଡିଂ ଥିଲା କେବଳ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ହେଲେ ଏବେ ଅନେକ ମହିଳା ଆସିଲେଣି ଏ କ୍ଷେତ୍ରକୁ। ସମାଜର କଟାକ୍ଷକୁ ଖାତିର ନକରି ନିଜର ଦୃଢ ମନୋବଳ ଓ କଠିନ ପରିଶ୍ରମ ଫଳରେ ଜଣେ ଜଣେ ମହିଳା ବଡି ବିଲ୍ଡର ଭାବେ ପରିଚୟ ଗଢିପାରିଛନ୍ତି। ଆଉ ଯାହାକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଓମେନ ବଡି ବିଲ୍‌ଡର'ଟି ବେଶ୍ ମନଛୁଆଁ ହୋଇଥିଲା। 'ମହାଶିବରାତ୍ରୀରେ କ'ଣ କଲେ ଶୁଭ', 'ପ୍ରଭୁ କୃପା ପାଇଁ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***– ଅମ୍ବିକା ସ୍ୱାଇଁ, ଝାରପଡ଼ା, ଭୁବନେଶ୍ୱର***

✲ ଲାଜର ଓଢଣା କାଢି ଏମାନେ ପୁରୁଷପ୍ରାଧାନ୍ୟ କ୍ଷେତ୍ରରେ ପାଦ ଦେଇଛନ୍ତି। ସେଥିପାଇଁ ସମାଜ ତାଙ୍କୁ କରିଛି ଅନେକ କଟାକ୍ଷ। ତଥାପି ସେମାନେ ନିଜ ଲକ୍ଷ୍ୟ ପଥରେ ଆଗେଇଛନ୍ତି। ନିଜ କୋମଳ ଶରୀରକୁ ଲୁହା ପରି ଶକ୍ତ କରି ପାଲଟିଛନ୍ତି ମହିଳା ବଡି ବିଲ୍ଡର। ସେମିତି କେତେଜଣ ମହିଳା ବଡି ବିଲ୍ଡରଙ୍କ ସଂଘର୍ଷ ଓ ସଫଳତାର କାହାଣୀକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦପ୍ରସଙ୍ଗ 'ଓମେନ ବଡି ବିଲ୍ଡର'ଟି ବେଶ୍ ପ୍ରେରଣାଦାୟୀ ହୋଇଥିଲା। 'ବିଶ୍ୱର ପ୍ରଥମ ମହିଳା ଯିଏ ଜହ୍ନରାଇଜକୁ' ପାଠଟି ବି ତଥ୍ୟପୂର୍ଣ୍ଣ ଥିଲା।

***– ପଦ୍ମିନୀ ସାହୁ, ପେଣ୍ଠକଣ୍ଟା, ପୁରୀ***

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷା ଓ ସାହିତ୍ୟ ପ୍ରତି ଉତ୍ସର୍ଗିକୃତ ଅପର୍ଣ୍ଣା ମହାନ୍ତିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ମୀମାଂସା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଲେଖିକା ତଥା ଅଧ୍ୟାପିକା ଡ.ମମତା ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ମନଛୁଆଁ ହୋଇଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଲାଗୁଥିଲା।

***– ସୌମେନ୍ଦ୍ର ପ୍ରିୟଦର୍ଶୀ, ରାୟଗଡ଼ା***

✲ 'ଅନନ୍ୟା ଅର୍ପିତା'ଙ୍କ ପାଠଟି ବି ବେଶ୍ ପ୍ରେରଣାଦାୟୀ ହୋଇଥିଲା। ମଡେଲ୍ ମିରର୍‌ରେ ପ୍ରଜ୍ୟୋତି ଖୁବ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ 'କାଶୀ ବିଶ୍ୱନାଥ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଲୁହ ପଛର କଥା' ଶୀର୍ଷକ ପାଠଟି ତଥ୍ୟପୂର୍ଣ୍ଣ ହୋଇଥିଲା।

***– ପ୍ରିୟଙ୍କା ଦାଶ, ସମ୍ବଲପୁର***

✲ ଏଥରର ବ୍ୟଙ୍ଗ 'ସ୍ୱାଧୀନତା...ଜନ୍ମଗତ ଅଧିକାର'ରୁ ଅନେକ ଶିକ୍ଷଣୀୟ କଥା ଜାଣିବାକୁ ମିଳିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ନଦୀ ଭିତରେ ଘର', 'ପ୍ୟାଡ ଓମେନ' ଏବଂ 'ହାତ ନ ଥାଇ ଚଳାନ୍ତି କାର୍' ଶୀର୍ଷକ ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହିତ ଆଶ୍ଚର୍ଯ୍ୟକର ମଧ ଲାଗୁଥିଲା।

***– ତନୁଶ୍ରୀ ଓଝା, ବ୍ରହ୍ମପୁର***

## ବିଶେଷ ଚିଠି



ଏଥରର ପ୍ରଚ୍ଛଦରେ ଥିଲା
ଓମେନ ବଡି ବିଲ୍‌ଡର,
ଶିଖାଉଥିଲା ଅନେକ କଥା
ଦେଉଥିଲା ନୂଆ ନୂଆ ଖବର।
ସାଥୀ, ସହର ପୃଷ୍ଠା ବି
ଲାଗୁଥିଲା ଚମତ୍କାର,
ମନ ମୋହି ନେଉଥିଲା ପୁଣି
ବ୍ୟଙ୍ଗ ପୃଷ୍ଠାର ବିଚାର।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ଭଲ ପାଏ ମୁଁ ପ୍ରତିଦିନ।

***– ରାଜେନ୍ଦ୍ର ପ୍ରଧାନ, ସୁନ୍ଦରଗଡ଼***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ପଖାଳ କଥା





ଓଡ଼ିଆଙ୍କର ପ୍ରିୟ ପଖାଳ। କେବେ ଦିନେ ଗାଁର ଖାଦ୍ୟ ବୋଲି କୁହାଯାଥିବା ଏହି ପଖାଳ ଏବେ ସହରୀ ଲୋକଙ୍କରବିମନକିଣିନେଇଛି।ଆମପାରମ୍ପରିକ ଖାଦ୍ୟ ଯେମିତି ସ୍ୱାଦିଷ୍ଟ ସେମିତି ସ୍ୱାସ୍ଥ୍ୟ ଉପଯୋଗୀ।

**ଯେମିତି ପଖାଳ ସେମିତି ନାଁ:** ଦିନଥିଲା ଗାଁରେ ପ୍ରତ୍ୟେକଙ୍କ ଘରେ ଦେଖିବାକୁ ମିଳୁଥିଲା ମାଟି ଚୁଲି। କାଠର ଜାଳେଣି। ଢିଙ୍କିକୁଟା ଦେଶୀ ଶାରଦ ଧାନର ଉସୁନା ଓ ଅରୁଆ ଚାଉଳ। ଏସବୁକୁ ମାଟିହାଣ୍ଡିରେ ରନ୍ଧା ଯାଉଥିଲା। ରାତିରେ ଏହି ଭାତରେ ପାଣି ଢଳାଯାଇ ପଖାଳ ପ୍ରସ୍ତୁତ କରାଯାଉଥିଲା। ଯାହାକୁ ବାସି ପଖାଳ କୁହାଯାଉଥିଲା। ଏହାର ବାସ୍ନା ଯେମିତି ସ୍ୱାଦ ବି ସେମିତି। କେହି କେହି ସାଙ୍ଗେ ସାଙ୍ଗେ ଭାତ ରାନ୍ଧି ସେଥିରେ ପାଣି ଢାଳି ସଜ ପଖାଳ କରି ଖାଆନ୍ତି। ଏଥିରେ ଲେମ୍ବୁଚିପୁଡ଼ି ଖିଆଯାଏ। ସେମିତି ସଜ ପଖାଳରେ ଅଳ୍ପ ତୋରାଣି ରଖି ସେଥିରେ ଦହି ମିଶାଇଲେ ତାହା ଦହିପଖାଳ ହୁଏ। ଭଜା ଜିରାଗୁଣ୍ଡ, ଲୁଣ ଭୁର୍ସୁଙ୍ଗପତ୍ର ଓ ଧନିଆ ପତ୍ର, ଆମ୍ବକଷିଅଦା ଏଥିରେ ଉପଯୋଗକରି ଖାଇଲେ ଭଲଲାଗେ। ସଜପଖାଳରେ ଭୁର୍ସୁଙ୍ଗ, ଧନିଆ ପତ୍ର ସହ ଜିରା ଛୁଙ୍କ କରାଯାଇ ଜିରାପଖାଳ ପ୍ରସ୍ତୁତ କରାଯାଇଥାଏ। ରନ୍ଧାଭାତରେ ଆମ୍ବକଷିଅଦା, ଭଜାଜିରା, ଗୋଲମରିଚଗୁଣ୍ଡ, କଳାଲୁଣ, ଦହି ଓ ପାଣି ମିଶାଇ ସୁଗନ୍ଧି ପଖାଳ ପ୍ରସ୍ତୁତ କରାଯାଇଥାଏ। ଆବଶ୍ୟକ ସ୍ଥଳେ କିଛି ମାତ୍ର ଲେମ୍ବୁ କିମ୍ବା କମଳାପତ୍ର ଏଥିରେ ମିଶାଇଲେ ତାହାର ବାସ୍ନା ମହକିଥାଏ, ଖାଇବାକୁ ସୁସ୍ୱାଦ ଲାଗେ। ସୁଗନ୍ଧି ପଖାଳରେ କଳାଜିରା, ତେଜପତ୍ର, ଅଳ୍ପଚିନି, କମଳାଲେମ୍ବୁର କିଛିପାଖୁଡ଼ାକୁ ବ୍ୟବହାର କରାଯାଇଥାଏ। ଏହା ପ୍ରାୟତଃ ଓଡ଼ିଶାରେ କେତେକ ଦେବଦେବୀଙ୍କ ପୀଠରେ ଭୋଗରୂପେ ଅର୍ପଣ କରାଯାଇଥାଏ ଏହାକୁ ମିଠା ପଖାଳ କୁହାଯାଏ। ବିଭିନ୍ନ ପରିବାକୁ ସିଝାଇ ତାକୁ ସଜପଖାଳରେ ଛୁଙ୍କ କରି ପରିବା ପଖାଳକୁ ପ୍ରସ୍ତୁତ କରାଯାଇଥାଏ। ଜିରା, ଭୁର୍ସୁଙ୍ଗ ପତ୍ର, ଶୁଖିଲା ଲଙ୍କାଙ୍କୁ ଛୁଙ୍କକରି ପଖାଳରେ ମିଶାଇଲେ ତାହାକୁ ଛୁଙ୍କପଖାଳ କୁହାଯାଇଥାଏ। ସେହିପରି ଖୁଦପିତା ଓ କାଞ୍ଜି ପଖାଳର ଏକ ଅନ୍ୟଏକ ରୂପାନ୍ତର। ପେଯମିଶା ତୋରାଣି ସହ ଖୁଦ (ଗୁଣ୍ଡ ଚାଉଳ) ରନ୍ଧାଯାଇ ସେଥିରେ ନିମ୍ବପିତା ଓ ଦହିଛୁଙ୍କ କରାଯାଇଥାଏ।

**ପଖାଳ କେବଳ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ନୁହେଁ, ଏହା ତାଙ୍କ ଭାବପ୍ରବଣତା ଓ ପରମ୍ପରାର ବି କଥା କହେ...**

**ପଖାଳର ଔଷଧୀୟଗୁଣ:** ଖରାଦିନେ ଅଂଶୁଘାତରୁ ମୁକ୍ତି ପାଇଁ ପଖାଳ ଖାଇବା ଓ ତୋରାଣି ପିଇବା ପାଇଁ ଡ଼ାକ୍ତର ପରାମର୍ଶ ଦେଇଥାନ୍ତି। ଏ ସମ୍ପର୍କରେ ଆୟୁର୍ବେଦିକ **ଡାକ୍ତର ବାସୁଦେବ ପ୍ରଧାନ** କୁହନ୍ତି,'ପଖାଳର ଅନେକ ଔଷଧୀୟ ଗୁଣ ରହିଛି। ନିଦ୍ରାହୀନତା ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ପଖାଳ ମହୋଷଧି ପରି କାମକରେ। ଖରାଦିନେ ଶରୀରରୁ ଜଳୀୟଅଂଶ କମିଯାଉଥିବାରୁ ପଖାଳ ତୋରାଣି ପିଇବାକୁ ପରାମର୍ଶ ଦିଆଯାଏ। କାରଣ ଏହା କ୍ଳାନ୍ତି ନିବାରକ, ଶକ୍ତି ବର୍ଦ୍ଧକ ଓ ଅର୍ସରୋଗ ନିବାରକ। ପଖାଳ କୋଷ୍ଠକାଠିନ୍ୟ ଦୂରକରେ ଓ ଏହାଦ୍ୱାରା ବାତ ପିତ୍ତ ଦୂରହୁଏ। ପଖାଳକୁ ସକାଳେ ଖାଇଲେ ଶରୀରର ମେଦ ବୃଦ୍ଧି ହୁଏ ନାହିଁ। ପୁଣି ରକ୍ତଚାପ ସ୍ୱାଭାବିକ ରହେ। ହଜମ ଶକ୍ତି ବଢ଼ାଏ। ଶରୀରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖେ। ପାକସ୍ଥଳୀ ସୁସ୍ଥ ରଖେ। ଢିଙ୍କିକୁଟା ଅକାଣ୍ଡିଆ ଚାଉଳରୁ ପ୍ରସ୍ତୁତ ପଖାଳ ଦେହପାଇଁ ସବୁଠୁ ଭଲ। କଂସାବେଲାରେ ପଖାଳଭାତ, ପେଯ ସହିତ ପାଣି ମିଶାଇ ଖାଇଲେ ତାହା ଅଧିକ ପୁଷ୍ଟିକର ହୋଇଥାଏ। ପଖାଳରେ ଲୌହ, ସୋଡିୟମ, କ୍ୟାଲ୍‌ସିୟମ, ଲାକଟିକ ଏସିଡ୍ ଥାଏ। । ମାତ୍ର ପଖାଳରେ ବିପଦ ହେଲା ମଲାଭାତ, ଏଥିରେ ଆଲଫାଟକସିନ୍ ଜାତୀୟ ବିଷ ରହିଥାଏ। ଭାତ ରାନ୍ଧିବା ପୂର୍ବରୁ ଚାଉଳରୁ ଏହାକୁ ବାହାର କରିବା ଉଚିତ।

**ପଖାଳ: କେତେ କଥା, କେତେ କାହାଣୀ:** ପଖାଳର ପ୍ରଚଳନ କେବେ ଓଡ଼ିଆଙ୍କ ପ୍ରିୟ ଖାଦ୍ୟରେ ପରିଣତ ହେଲା ତା'ର ହୁଏତ ଇତିହାସ ଜଣା ନାହିଁ। କିନ୍ତୁ ବିଭିନ୍ନ ସମୟରେ କବି ଲେଖକମାନଙ୍କ ରଚିତ ବିଭିନ୍ନ କୃତି ମଧ୍ୟରେ ପଖାଳ ସ୍ଥାନ ପାଇ ଆସିଛି। କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ରଚିତ କାଳଜୟୀ ଗୀତ– 'ଆସ ଜୀବନ ଧନ ମୋର ପଖାଳ କଂସା...'। ଖନାବଚନରେ– ଗାଧୁଆ ସୁଖ ସକାଳ, ଦେହରେ ଯେବେ ଯାଏ ଖାଇବା ସୁଖ ପଖାଳ, ଭଜାଭଜି ଯେବେ ଥାଏ। ସେହିପରି ପଦ୍ମଶ୍ରୀ କବି ସଚ୍ଚି ରାଉତରାୟଙ୍କ 'ପଲ୍ଲୀସଞ୍ଜ' କବିତାରେ– ଧୂଆଁ ଉଠେ ଚାଳ ଉପରେ/ ଲାଗିଲାଣି ଚୁଲି କାନସିରି ଦେଇ /ଚଲାଇନିଏ କେ ପଖାଳେ...। ସେହିପରି ସହି ହୁଏ ନାହି ଟାଣଖରାକୁ ମନ ଝୁରିଲାଣି ପଖାଳ ସଙ୍ଗେ ବଡ଼ିଚୂରାକୁ। ପ୍ରାବନ୍ଧିକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ତାଙ୍କ ବଟୁଆ ପ୍ରବନ୍ଧରେ ପଖାଳକଂସା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେହିପରି ଓଡ଼ିଆ ଢଗଢମାଳି– 'ଅଖାଇ ନାନୀର ବାର ବରତ, ସକାଳୁ ଖାଇଛି ପଖାଳ ଭାତ। ଏମିତି ଦିଅଁ କେଉଁଠି ଅଛି, ପଖାଳଭାତରେ ଘିଅ ଖାଉଛି। ମଦରଙ୍ଗା ଶାଗ ରାଇ, ପଖାଳ ଭାତକୁ ଚିଲିକା ଶୁଖୁଆ, ମାଣିକପାଟଣା ଦହି। ପଖାଳକୁ ନେଇ ଅନେକ ଭଜନ, ଆଧୁନିକ ଓ ଆଲବମ ଗୀତ ରହିଛି। ଯେମିତିକି – କହ୍ନେଇ ଖାଉଛି ଦହି ପଖାଳ, ଆ ଖାଇବା ଦହି ପଖାଳ, ମାଧବ ହେ ମାଧବ/ମୁଠେପଖାଳରେ ପେଟ ପୂରେ ମୋର, ଛପନ ଭୋଗରେ ନାହିଁ ତ ଲୋଭ... ଇତ୍ୟାଦି।

**ପଖାଳ ପାଇଁ ବିଭିନ୍ନ କଂସାବେଲା:** ଆଗରୁ କଂସାରେ ହିଁ ପଖାଳ ଖିଆ ଯାଉଥିଲା। ବ୍ୟବହାରରେ ସମସ୍ୟା ହେବାରୁ ଲୋକ ଷ୍ଟିଲ ଆଦିକୁ ଆପଣେଇଲେ। କିନ୍ତୁ କଂସାର ସ୍ୱାସ୍ଥ୍ୟୋପଯୋଗୀ ଦିଗକୁ ଦେଖିବା ପରେ ଏବେ ପୁଣି କଂସା ପ୍ରତି ଲୋକଙ୍କ ଆଗ୍ରହ ବଢିଛି। ବିଶେଷକରି ପଖାଳ ଖାଇବା ପାଇଁ ଲୋକ କଂସାର ବ୍ୟବହାର କରୁଛନ୍ତି। ଏହି ପଖାଳ କଂସାର ବିଭିନ୍ନ ନାମ ରହିଛି। ଏସମ୍ପର୍କରେ **ସଂଗ୍ରାହକ ଓ ଗବେଷକ ସୁଦର୍ଶନ ସାହୁ** କୁହନ୍ତି, 'ପାରମ୍ପରିକ କଂସାବେଲାର

→



ବିଭିନ୍ନ ନାମ ରହିଛି – ଯଥା ତୋରାଣି ବେଲା, ଫାସ ବେଲା, ସହରୀବାବୁ କଂସାବେଲା, ରାମସାଇ ବେଲା, ମାଣବେଲା, ପୋଚ ବେଲା, ଅଣ୍ଟାଭଙ୍ଗା ପଖାଳ ବେଲା, ଦୁଦୁରାଫୁଲିଆ ବେଲା, ବାଲୋବରୀ ବେଲା, ମାଟୁ କଂସା ବେଲା, ବଇଠି ବେଲା, ମଣ୍ଡା ବେଲା, ଔଖମା ବେଲା, ହାତୀପାହୁଲିଆ ବେଲା,ମାଟିଆ କେଲା ବେଲା, ଟଭା ଫାଳିଆ ବେଲା ଇତ୍ୟାଦି ରହିଛି। ବିଭିନ୍ନ ବର୍ଗର ଲୋକମାନେ ପଖାଳ ଖାଇବା ପାଇଁ ବିଭିନ୍ନ ପ୍ରକାରର କଂସାବେଲାକୁ ବ୍ୟବହାର କରିଥାନ୍ତି।

**ଶ୍ରୀମନ୍ଦିରରେ ପଖାଳ ଲାଗି:** ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଛପନ ଭୋଗ ମଧ୍ୟରେ ପଖାଳର ସ୍ଥାନ ସ୍ୱତନ୍ତ୍ର। ଏ ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ **ପ୍ର. ସୁରେନ୍ଦ୍ରନାଥ ଦାଶ** କୁହନ୍ତି,'ପ୍ରଭୁ ଶ୍ରୀ ଜଗନ୍ନାଥ ପଖାଳ ପ୍ରିୟ। ଶ୍ରୀମନ୍ଦିରରେ ଅଭଡ଼ାରେ ପାଣି ଓ ଦହି ଦେଇ ପଖାଳ ପ୍ରସ୍ତୁତ କରି ପ୍ରତିଦିନ ଠାକୁରଙ୍କୁ ଅର୍ପଣ କରାଯାଏ। କିଛି ସ୍ୱତନ୍ତ୍ର ପୂଜାପର୍ବରେ ବି ମହାପ୍ରଭୁଙ୍କ ପାଖରେ ପଖାଳ ଲାଗି କରାଯାଏ। ସେହିପରି ଶ୍ରୀମନ୍ଦିରର **ବଡୁ ସୁଆର ଭୁବନେଶ୍ୱର ପଣ୍ଡା** କୁହନ୍ତି,' ମହାପ୍ରଭୁଙ୍କୁ ପ୍ରତିଦିନ ଦ୍ୱିପ୍ରହର ଧୂପରେ ସୁବାସିତ ପଖାଳ, ସନ୍ଧ୍ୟା ଧୂପରେ ଦହି ପଖାଳ ଓ ବଡ଼ ସିହାଂରଭୋଗରେ ମିଠା ପଖାଳ ଲାଗି କରାଯାଏ। ଏହାବାଦ ଅକ୍ଷିତୃତୀୟା ପରଦିନଠୁ ସ୍ନାନ ପର୍ଣ୍ଣିମା ପୂର୍ବଦିନ ପର୍ଯ୍ୟନ୍ତ ଯାତ୍ରାଭୋଗ ପଖାଳ ଲାଗି କରାଯାଏ। ଏହାପରେ ଯାଇ ମହାପ୍ରଭୁ ଚନ୍ଦନ ଯାତ୍ରା ପାଇଁ ବିମାନକୁ ଯାଆନ୍ତି। ଗୁଣ୍ଡିଚା ଘରେ ବି ପଖାଳ ହୁଏ। ମକର ସଂକ୍ରାନ୍ତି, ଦିପାବଳୀରେ ନିତିଦିନର ପଖାଳ ବାଦ ଅଲଗା ଅଧିକ କିଛି ପଖାଳ କରାଯାଏ। ଷୋଳପୂଜାରେ ସନ୍ଧ୍ୟା ଧୂପ ବେଳେ ମହାପ୍ରଭୁଙ୍କ ପାଖରେ ପଖାଳ ଲାଗି ହେବା ପରେ ସେହି ପଖାଳ ପୁଣି ମା' ବିମଳାଙ୍କ ପାଖରେ ଯାଇ ଭୋଗ ଲାଗି କରାଯାଏ।'

**ପଖାଳ ଦିବସ:** ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ମତରେ ପଖାଳ ହେଉଛି ତୋରାଣି ମିଶାଭାତ। ପଖାଳରେ ଅନେକ ଉପାଦେୟ ଗୁଣ ରହିଥିବା ବେଳେ ଓଡ଼ିଆ ସଂସ୍କୃତି ଓ ଜନଜୀବନ ସହିତ ଜଡ଼ିତ। ପ୍ରତିବର୍ଷ **ମାର୍ଚ୍ଚ ୨୦ତାରିଖ**ରେ ବିଶ୍ୱ ପଖାଳ ଦିବସ ପାଳନ ହୋଇଥାଏ ଯାହାକୁ ଲକ୍ଷ୍ୟ ରଖି ଆଜକାଲି ବିଭିନ୍ନ ଅନୁଷ୍ଠାନ ଓ ହୋଟେଲରେ ପଖାଳ ଦିବସ ପାଳନ କରାଯାଉଛି। ଜଟଣୀ ଉତ୍ତରାଣୀ କ୍ଲବର ସଂପାଦକ ବିପ୍ଲବକେଶରୀ ଶତପଥୀ କୁହନ୍ତି, ' କିଛିବର୍ଷ ପୂର୍ବରୁ ଆମ କ୍ଲବର ସଦସ୍ୟମାନେ ଏକାଠି ହୋଇ ବର୍ଷର ଏକ ନିର୍ଦ୍ଦିଷ୍ଟ ଦିନରେ ପଖାଳଭାତ, ଆମ୍ବ ଚଟଣି, କଖାରୁ ଫୁଲ ପିଠଉ, ପଣସକଠା ତରକାରି କରି ଏକାଠି ବସି ଖାଉଥିଲୁ । କିନ୍ତୁ କିଛି ବର୍ଷ ହେବ ପଖାଳ ଦିବସ ଉପଲକ୍ଷେ ଅନୁଷ୍ଠାନ ତରଫରୁ ଏହି ଦିବସର ଗୋଟିଏ ଦିନ ପୂର୍ବରୁ ମାଟି ହାଣ୍ଡିରେ ଭାତ ରାନ୍ଧି ରଖାଯାଇଥାଏ। ପଖାଳ ଦିବସ ଦିନ ଦହି ପଖାଳ, ଛୁଙ୍କପଖାଳ, ଅଦା ପଖାଳ, ପୋଦିନା ପଖାଳ, ସାଦା ପଖାଳକୁ ପ୍ରସ୍ତୁତକରି ଆମ ଅଞ୍ଚଳର ମାରୱାଡି ଯୁବାମଞ୍ଚ, ରୋଟାରୀ କ୍ଲବ, ବରିଷ୍ଠ ନାଗରିକ ମଞ୍ଚ ସମେତ ଏକାଧିକ ସାମାଜିକ ଅନୁଷ୍ଠାନର ଶତାଧିକ ସଦସ୍ୟ/ସଦସ୍ୟାମାନେ ଏକାଠି ପଖାଳ ଖାଇ ପଖାଳ ଦିବସକୁ ପାଳନ କରିଥାଉ। ଏଥି ସହିତ ରାଜ୍ୟର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ତରଫରୁ ମଧ୍ୟ ବିଭିନ୍ନ ସ୍ଥାନରେ ପଖାଳ ଦିବସ ପାଳନ କରାଯାଇଥାଏ।

**ଗାଁରୁ ସହର ସବୁଠି ପଖାଳ:** ଛୋଟ ଚାଳିଆ ହୋଟେଲଠାରୁ ଆରମ୍ଭକରି ପଞ୍ଚତାରକା ହୋଟେଲ ଆଦିରେ ପଖାଳ ଖାଇବାକୁ ମିଳେ। ଯାହାର ଦର ବି ସେମିତି ଭିନ୍ନ ଭିନ୍ନ ରହିଥାଏ। ଭୁବନେଶ୍ୱରର ପେଟପୂଜା ହୋଟେଲର ଜ୍ୟୋତି ରଞ୍ଜନ ବେହେରା କୁହନ୍ତି, 'ଆମର ଏଠାରେ ସାଦା ପଖାଳ ଏବଂ ମସଲା ପଖାଳ ମିଳେ। ସାଦା ପଖାଳ ବେଲାର ଦାମ ୧୦୦ଟଙ୍କା ରହିଛି।ଏଥିରେ ବଡ଼ିଚୂରା, ଶାଗଭଜା, କଖାରୁ ଫୁଲ ସେକା, ଆଳୁଭର୍ତ୍ତା, ଚଟଣି, ପୋଟଳ ମସଲା, ଭେଣ୍ଡିଭଜା, ପାମ୍ପଡ଼, କାକୁଡ଼ି, ପିଆଜ ପରଷା ଯାଇଥାଏ। ମସଲା ପଖାଳ ବେଲା–୧୨୦ ଟଙ୍କା। ମସଲା ପଖାଳରେ ପୋଦିନାପତ୍ର, ଲେମ୍ବୁପତ୍ର, ଆମ୍ବକଷିଆ ଅଦା, ଧନିଆପତ୍ର ପାଗ ହୋଇଥାଏ। ଏଥିରେ ବଡ଼ିଚୂରା, ଶାଗଭଜା, କଖାରୁ ଫୁଲ ପିଠଉ, ପଣସକଠା ପିଠଉ, ସୋରିଷ କଲରା, ଆଳୁଭର୍ତ୍ତା(ତେନ୍ତୁଳି, ରସୁଣ, ଧନିଆପତ୍ର, କଞ୍ଚାଲଙ୍କା ମିଶି ଚଟଣି), ପୋଟଳ ମସଲା, ଭେଣ୍ଡିଭଜା, ପାମ୍ପଡ଼, କାକୁଡ଼ି, ପିଆଜ ଦିଆଯାଏ। ଯଦି କେହି ଗରାଖ ଆମିଷ ଖାଇବାକୁ ଚାହିଁବେ ସେଥିପାଇଁ ପ୍ରତି ଖଣ୍ଡ ରୋହିମାଛ ବେସର–୫୦ ଟଙ୍କା, ଚିଙ୍ଗୁଡ଼ିପୋଡ଼ା–୨୨୦, ଖଇଙ୍ଗା ଶୁଖୁଆ ଭଜା–୧୦୦, ଭାକୁର ପୋଡ଼ା–୧୦୦ଟଙ୍କା ଦେବାକୁ ହେବ। ସେହିପରି ସହିଦନଗର ଫାଣ୍ଡି ନିକଟରେ ଥିବା ହୋଟେଲ ମହାରାଜାର ପରିଚାଳକ ମନୋଜ କୁମାର ସାହୁ କୁହନ୍ତି– କେବଳ ଖରାଦିନେ ସାଦା ପଖାଳ ୭୦ ଟଙ୍କାରେ ମିଳିଥାଏ। ଏହାସହ ବଡ଼ିଚୂରା, ଶାଗ, ଆଳୁଭଜା/ଆଳୁଭର୍ତ୍ତା, ଆଚାର, ମିକ୍ସ ତରକାରି, କଖାରୁ ଫୁଲ ପିଠଉ ପରଷାଯାଏ। ଯଦି ପଖାଳ ସହିତ ଚୂନାମାଛ ବେସର କିମ୍ବା ଭଜା ଖାଇବାକୁ ଚାହାନ୍ତି ତେବେ ଗରାଖଙ୍କୁ ୧୨୦ଟଙ୍କା ଦେବାକୁ ପଡ଼ିଥାଏ। ସେହିପରି ଭୁବନେଶ୍ୱର–ପୁରୀ ନୂଆ ସଡ଼କ ନିକଟରେ ରହିଛି ହୋଟେଲ ସେକେଣ୍ଡ ୱାଇଫ। ଏହାର ମାଲିକ ମିର୍ଜା ଆକ୍ରାମ କୁହନ୍ତି, ପ୍ରତିବର୍ଷ ମାର୍ଚ୍ଚ ୨୦ରୁ ଏଠାରେ ପଖାଳ ମିଳେ। କେବଳ ମାଟିହାଣ୍ଡିରେ ପ୍ରସ୍ତୁତ ନାଲି ଚାଉଳର ଛୁଙ୍କ ପଖାଳକଂସା ଦର ୨୫୦ଟଙ୍କା ରହିଥାଏ। ଆଳୁ, ବାଇଗଣ ଏବଂ ଟମାଟୋପୋଡ଼ା, ଆଳୁଭର୍ତ୍ତା, ଶାଗମୁଗ, ବଡ଼ିଚୂରା, ଛୁଇଁବେସର, ଦହି, କଖାରୁଫୁଲ ଆଦି ୨୨ ପ୍ରକାର ଖାଦ୍ୟକୁ ମାଟିପାତ୍ରରେ ପରଷା ଯାଇଥାଏ। ଫାୟାର ଷ୍ଟେଶନ ଛକରୁ ସମ୍ ହସ୍‌ପିଟାଲ ଯିବା ରାସ୍ତାକଡ଼ରେ ରହିଛି ମହାରାଜ ଦହିପଖାଳ ହୋଟେଲ। ଏହି ହୋଟେଲର ଅନିଲ ନାୟକ କୁହନ୍ତି,'ସାଦା ଦହିପଖାଳ ଦର ୭୦ଟଙ୍କା ରହିଥିବା ବେଳେ ମାଛବେସର ଦେଲେ ୮୦ ଟଙ୍କା ଗରାଖଙ୍କୁ ଦେବାକୁ ପଡ଼ିଥାଏ। ଖରାଦିନେ ବିଭିନ୍ନ ସ୍ଥାନରେ ରହିଥିବା ଏକାଧିକ ହୋଟେଲରେ ଭିନ୍ନ ଭିନ୍ନ ଦରରେ ପଖାଳ ଖାଇବାକୁ ମିଳେ।









**ଓଡ଼ିଆ ପରମ୍ପରାରେ ପଖାଳ:** ପଖାଳ ପ୍ରିୟ ୭୮ ବର୍ଷୀୟା ସୌରୀ ପ୍ରଧାନ କୁହନ୍ତି– ପ୍ରତ୍ୟେକ ଓଡ଼ିଆଘର ହାଣ୍ଡିଶାଳ କେବେ ହାଣ୍ଡିଶୂନ୍ୟ ରହେନାହିଁ ବରଂ ହାଣ୍ଡିରେ ପଖାଳ ଭାତ ସହିତ ତୋରାଣି ମୁନ୍ଦେ ସାଇତା ହୋଇ ରହିଥାଏ। ଓଡ଼ିଆ ଘରର ଝିଅଟିଏ ଯେବେ ବିବାହ ନିମନ୍ତେ ଶାଶୁଘର ଯିବା ପାଇଁ ଦିନବାର ଠିକ୍ ହୋଇଯାଏ ତା'ର କିଛିଦିନ ପୂର୍ବରୁ କନ୍ୟାଙ୍କୁ ସାହି ପଡ଼ୋଶୀ, ବନ୍ଧୁ ବାନ୍ଧବମାନେ ପଖାଳ ଖାଇବା ପାଇଁ ଡାକିଥାନ୍ତି। ଏହାକୁ ତୋରାଣିପିଆ କୁହାଯାଏ, ଯାହା ବାହାଘରର ବିଭିନ୍ନ ପରମ୍ପରା ଭିତରୁ ଅନ୍ୟତମ। ଝିଅଟି (ପଖାଳ ଖାଇବା) ତୋରାଣି ପିଇବା ବିଧିରେ ତା'ର ଆତ୍ମୀୟସ୍ୱଜନଙ୍କୁ ମନେପକାଇଥାଏ। ସେହିପରି ଓଡ଼ିଆ ଘରେ କାହାରି ମୃତ୍ୟୁ ଘଟିଲେ କୋକେଇ ନେଉଥିବା ମାଲଭାଇମାନେ ଏକ ଶିକାରେ ମାଟିହାଣ୍ଡି କିମ୍ବା କଂସାପାତ୍ରରେ ଘରୁ ପଖାଳ ମଧ୍ୟ ନେଉଥିବାର ପରମ୍ପରା ରହିଛି। ଦିନ ଥିଲା ପ୍ରତ୍ୟେକ ଓଡ଼ିଆ ଘର ହାଣ୍ଡିଶାଳରେ ବାସିପଖାଳ ସାଇତା ହୋଇ ରହୁଥିଲା। ସୋରଣ ଗାଁର ଗାୟକ ପ୍ରବୀଣ –ଇନ୍ଦ୍ରମଣି ପ୍ରଧାନ କୁହନ୍ତି, ଆମ ପିଲାଦିନେ ଯେଉଁ ସମୟରେ ଯେତେବେଳେ ଘରକୁ ଯେ କେହି ବନ୍ଧୁବାନ୍ଧବ ଆସୁଥିଲେ ପଖାଳ ଖାଇବାରେ ଏକ ଭିନ୍ନ ଭାବ ସୃଷ୍ଟି ହେଉଥିଲା। ବିଲରେ ଚାଷକାମ ସାରି ହିଡ଼ରେ ବସି ପଖାଳ ଖାଇବାରେ ଯେଉଁ ତୃପ୍ତି ମିଳେ ତାହା ଚଷାପୁଅ ହିଁ ଜାଣେ। ଖରାଦିନେ ଆମ୍ବତୋଟାରେ ଗଛମୂଳେ ବସି ପଖାଳ ଖାଇଲେ ପେଟ ପୂରି ଯାଉଥିଲା। ସତରେ ପଖାଳ କେବଳ ଖାଦ୍ୟ ନୁହେଁ, ଓଡ଼ିଆଙ୍କ ମନ ଓ ହୃଦୟ ସହ ଜଡ଼ିତ ଏକ ଭାବପ୍ରବଣତାର ନିଆରା ରୂପ। କେଉଁ ଆଦିମ ଯୁଗରୁ ପଖାଳ ଆମ ଜୀବନଧାରା ସହିତ ଯୋଡ଼ି ହୋଇ ରହିବା ସହିତ ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ବହନ କରିଛି।

–ବନବିହାରୀ ବେହେରା





# ସମରରେ ଲାଗିବେ କୁଲ୍

ଋତୁ ଅନୁସାରେ ବି ଫ୍ୟାଶନର ଟ୍ରେଣ୍ଡ ବଦଳେ। ଏବେ ଯେହେତୁ ଖରାଦିନ, ତେଣୁ ଏହିଦିନେ କିଭଳି ପୋଷାକ ପିନ୍ଧିଲେ କମ୍ଫର୍ଟେବଲ୍ ଲାଗିବା ସହ ଫ୍ୟାଶନେବଲ୍ ଲୁକ୍ ମିଳିପାରିବ, ତାହାକୁ ନେଇ ଅନେକ ଯୁବତୀ ଦ୍ୱନ୍ଦ୍ୱରେ ଥା'ନ୍ତି। ତେଣୁ ଏଠାରେ ସେମିତି କିଛି ସମର ଫ୍ୟାଶନ ଟିପ୍ସ ସମ୍ପର୍କରେ ଉଲ୍ଲେଖ କରାଯାଉଛି; ଯାହାକୁ ଫଲୋ କରି ଯୁବତୀମାନେ ଖରାଦିନେ ବି କୁଲ୍ ଓ ଷ୍ଟାଇଲିଶ୍ ଦେଖାଯାଇପାରିବେ...



**✲ ହ୍ୱାଇଟ୍ କଲର:** ସମର ସିଜନରେ ନିଜ ୱାର୍ଡରୋବ୍‌ରେ ହ୍ୱାଇଟ୍ କଲର୍‌ର କିଛି ଆଉଟ୍‌ଫିଟ୍ ନିହାତି ରଖନ୍ତୁ। କାରଣ ଏହିଦିନେ ହ୍ୱାଇଟ୍ କଲରର ଶର୍ଟ ଡ୍ରେସ୍ ହେଉ ଅଥବା ମ୍ୟାକ୍ସି ଡ୍ରେସ୍, ଲକ୍ଷ୍ନୌ ସୁଟ୍, ଅନାରକଲି, ଶାଢ଼ି, ପେନ୍‌ସିଲ୍ ସ୍କର୍ଟ, ଟ୍ରାଉଜର ଆଦିକୁ ଆରାମରେ ଟ୍ରାଏ କରିପାରିବେ। ଖାଲି ହ୍ୱାଇଟ୍ କଲର କାହିଁକି, ଆପଣ ଚାହିଁଲେ ଖରାଦିନେ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କମ୍ବିନେଶନର ଆଉଟ୍‌ଫିଟ୍‌କୁ ବି ପିନ୍ଧି କୁଲ୍ ସମର ଲୁକ୍ ପାଇପାରିବେ।

**✲ ପେଷ୍ଟାଲ୍ କଲର:** ସମର ସିଜନ୍‌ରେ ହ୍ୱାଇଟ୍ କଲର ସାଙ୍ଗକୁ ପିଙ୍କ୍, ୟେଲୋ, ଅରେଞ୍ଜ, ଲାଭେଣ୍ଡର, ଅଲିଭ୍ ଗ୍ରୀନ୍ ପରି ପେଷ୍ଟାଲ୍ କଲରର କମ୍ବିନେଶନ ବି ବହୁତ ସୁନ୍ଦର ଦେଖାଯାଇଥାଏ।

**✲ କମ୍ଫର୍ଟେବଲ ଫିଟିଙ୍ଗ୍:** ଏହିଦିନେ କମ୍ଫର୍ଟେବଲ୍ ପୋଷାକ ପିନ୍ଧିବାକୁ ଭଲ ଲାଗିଥାଏ। ତେଣୁ ସମର ସିଜନରେ ବେଶି ଟାଇଟ୍ ଫିଟିଙ୍ଗ୍‌ବାଲା କପଡ଼ା ପିନ୍ଧିବା ଠିକ୍ ନୁହେଁ। ଏହି ସମୟରେ ଶର୍ଟ ଡ୍ରେସ୍, ମ୍ୟାକ୍ସି ଡ୍ରେସ୍, କଟନ୍ ଟି-ଶାର୍ଟ, ପ୍ଲାଜୋ, ଲଙ୍ଗ୍ କୁର୍ତ୍ତି, ପ୍ଲିଟେଡ୍ ସ୍କର୍ଟ, ହ୍ୱାଇଟ୍ ପ୍ୟାଣ୍ଟ ସାଙ୍ଗକୁ ଲିନେନ୍ ଜ୍ୟାକେଟ୍, ଆସିମେଟ୍ରିକାଲ୍ ଟପ୍ସ, କଟନ୍ ଶାଢ଼ି ଆଦି ଟ୍ରାଏ କରାଯାଇପାରେ।

**✲ ପାର୍ଟି ପାଇଁ:** ଏହି ସିଜନରେ ପାର୍ଟି, ଫଙ୍କଶନ ପାଇଁ ସିଲ୍‌ଭର କଲରର ଆଉଟ୍‌ଫିଟ୍ ଟ୍ରାଏ କରାଯାଇପାରେ। ଏହାଛଡ଼ା ଅଲିଭ୍ ଗ୍ରୀନ୍, ପିଙ୍କ୍, ପିଚ୍ କଲରର ଆଉଟ୍‌ଫିଟ୍ ବି ସମର ସିଜନରେ ଆଉଟ୍‌ଷ୍ଟାଣ୍ଡିଂ ପାର୍ଟି ଲୁକ୍ ଦେଇଥାଏ।

**✲ ମିନିମଲ୍ ଲୁକ୍:** ଖରାଦିନେ ମିନିମଲ୍ ଲୁକ୍ ବେଶ୍ ଟ୍ରେଣ୍ଡି ଲାଗିଥାଏ। ସେଥିପାଇଁ ଏହିଦିନେ ହେଭି ଏମ୍ବ୍ରୋଏଡୋରି ହେଉ ଅଥବା ଚୁମ୍‌କି, ଷ୍ଟୋନ୍ କିମ୍ବା ମିରର୍ କାମବାଲା ଏପରିକି ଡାର୍କ କଲର୍‌ର କୌଣସି ଆଉଟ୍‌ଫିଟ୍ ଟ୍ରାଏ ନ କରି ଯେତେ ଲାଇଟ୍ କଲରର ଆଉଟ୍‌ଫିଟ୍ ପିନ୍ଧିବେ ଲୁକ୍ ସେତେ ଷ୍ଟାଇଲିଶ୍ ଲାଗିବ।

**✲ ଲେୟରିଙ୍ଗ୍:** ଖରାଦିନେ ଯୁବତୀ ଚାହିଁଲେ ଲେୟରିଙ୍ଗ୍‌କୁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଭାବେ ଆପଣେଇପାରିବେ। ସେଥିପାଇଁ ସେମାନେ ରେଗୁଲାର୍ କୁର୍ତ୍ତି, ଟପ୍ସ, ଟି-ଶାର୍ଟ, ଜିନ୍ସ, ପ୍ଲାଜୋ, ସ୍କର୍ଟ ଆଦି ସହିତ ଷ୍ଟଲ୍, ସମର ସ୍କାର୍ଫ, କଟନ୍ ଜ୍ୟାକେଟ୍ ଆଦି ଟ୍ରାଏ କରି ସମସ୍ତଙ୍କଠାରୁ ଭିନ୍ନ ତଥା ଷ୍ଟାଇଲିଶ୍ ଦେଖାଯାଇପାରିବେ।

**✲ ଗ୍ଲାମର୍ସ ଲୁକ୍:** ଏହି ଲୁକ୍ ପାଇଁ ଯୁବତୀ ଚାହିଁଲେ ଖରାଦିନେ ସିୟର୍ ଅଥବା ଟ୍ରାନ୍ସପରେଣ୍ଟ ଡ୍ରେସ୍‌କୁ ବି ଟ୍ରାଏ କରିପାରିବେ। କିନ୍ତୁ ଧ୍ୟାନଦେବେ ଏହି ଆଉଟ୍‌ଫିଟ୍ ସେମାନଙ୍କୁ ବେଶି ଭଲ ମାନିଥାଏ ; ଯେଉଁମାନଙ୍କର ସ୍ଲିମ୍ ଟ୍ରିମ୍ ଫିଗର ଥିବ।







## କିଛି ଜାଣିବା କଥା

– ସମର ସିଜନରେ ବିଶେଷକରି ଫ୍ଲୋରାଲ୍ ପ୍ରିଣ୍ଟର ଆଉଟ୍‌ଫିଟ୍ ବେଶି ଭଲ ଲାଗିଥାଏ। ଏହାଛଡ଼ା ଚେକ୍ସ, ଷ୍ଟ୍ରାଇପ୍, ଜ୍ୟାମେଟ୍ରିକ୍ ପ୍ରିଣ୍ଟର ଆଉଟ୍‌ଫିଟ୍‌କୁ ବି ଏହିଦିନେ ଟ୍ରାଏ କଲେ କୁଲ୍ ଲୁକ୍ ମିଳିଥାଏ।

– ସମର ସିଜନରେ ଇଭିନିଂ ପାର୍ଟି ପାଇଁ ହାଲ୍‌କା ଫ୍ୟାବ୍ରିକ୍ ଯେମିତିକି ସିଫନ୍, ଜର୍ଜେଟ୍ ତଥା ର ସିଲ୍କର ୱାନ୍ ସୋଲ୍ଡର, ଅଫ୍ ସୋଲ୍ଡରବାଲା ଶର୍ଟ ଡ୍ରେସ୍ ହେଉ ଅଥବା ମ୍ୟାକ୍ସି ଡ୍ରେସ୍ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।



# ମାନୀ ଦାଶଙ୍କ ମାନବିକତା







**ସେ**ବା ଓ ପ୍ରେମକୁ ପୂଜା ବୋଲି ମନେକରନ୍ତି ସେ। ନିଜର ସୁଖ ଯଦି ଅନ୍ୟ କାହା ଲୁହ ବା ଦୁଃଖର କାରଣ ହୁଏ ତେବେ ତାହା ପାପ, ଯଦି ନିଜର ଲୁହ କି ଦୁଃଖ ଅନ୍ୟର ଖୁସି ଓ ହସର କାରଣ ହୁଏ ତେବେ ତାହା ପୁଣ୍ୟ ବୋଲି ମନରେ ବିଚାରି ସେହି ଅନୁଯାୟୀ କାମ କରୁଥାନ୍ତି ସେ। କାହା ଦରକାରରେ ଆସିପାରିଲା ଭଳି ନିଜକୁ ସମର୍ଥ କରେଇ ନିଜେ ସାର୍ଥକ ହେବାର ଯେଉଁ ମହାର୍ଘ ଉପଲବ୍ଧି ତାହା ହିଁ ଭଗବତ୍ ଉପଲବ୍ଧି ବୋଲି ସିଏ ବିଶ୍ୱାସ କରନ୍ତି। ଭାଙ୍ଗିଯାଉଥିବା ସ୍ୱପ୍ନକୁ ଯୋଡ଼ି ନୂଆ ସମ୍ଭାବନା ତିଆରି କରୁଥିବା, ପରିସ୍ଥିତି କୁଢ଼େଇ ଦେଉଥିବା ସମସ୍ୟାସବୁକୁ ନିଜ ଆତ୍ମବିଶ୍ୱାସ ବଳରେ ସକାରାତ୍ମକ ବୋଲି ପ୍ରତିପାଦିତ କରୁଥିବା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଗଠନମୂଳକ କାମକରି ନିଜ ସହ ଅନେକଙ୍କ ଜୀବନକୁ ଅର୍ଥପୂର୍ଣ୍ଣ କରି ଗଢୁଥିବା ମଣିଷ ସେ। ତାଙ୍କୁ ଜାଣିଥିବା ତଥା ଶ୍ରଦ୍ଧା ଓ ସମ୍ମାନ କରୁଥିବା ଲୋକ ଜାଣନ୍ତି ସେ **ମାନୀ ଦାଶ** ବୋଲି। ଆଜିକାର ସମୟରେ ଗୋଟିଏ ଫ୍ଲାଟ୍ କିମ୍ବା ସାହିରେ, ପଡ଼ାରେ ରହୁଥିବା ଜଣେ ଅଧିବାସୀ ପାଖପଡ଼ୋଶୀଙ୍କୁ ଚିହ୍ନିବାର, ଚିହ୍ନେଇବାର ଅକ୍ଷମତା ଦେଖାଏ ସେଇଠି କାହିଁ କେତେଦୂରରୁ ମାନୀ ଦାଶଙ୍କ ଘର କେଉଁଠି ପଚାରିଲେ ସସମ୍ମାନେ ଆଖପାଖର ବାସିନ୍ଦା ସବୁ ଖୁସି ଖୁସିରେ ତାଙ୍କ ଘରର ରାସ୍ତା ବତେଇ ଦିଅନ୍ତି। ଅନେକ କ୍ଷେତ୍ରରେ ସେ ଆଦ୍ୟା ହୋଇ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ପଦପଦବୀର ଗୁରୁତ୍ୱ ଅପେକ୍ଷା ଭଲପାଇବାର ଫଲ୍‌ଗୁଟିଏ ହେବାକୁ ଅଧିକ ପସନ୍ଦ କରୁଥିବା ମାନୀ ଦାଶ ସେପ୍ଟେମ୍ବର ୯, ୧୯୬୫ ମସିହା ଗଣେଶ ଚତୁର୍ଥୀ ଦିନ ମାତା ଜମୁଲତା ପତି ଓ ପିତା ଗଦାଧର ପତିଙ୍କ କୋଳମଣ୍ଡନ କରି ମୟୂରଭଞ୍ଜ ଜିଲା ବାରିପଦାର ହାତୀଝୁରୀ ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ କୁହନ୍ତି, 'ପିଲାଦିନ ଖୁବ୍ ବେହିସାବୀ, ଅବାଧ ପାହାଡ଼ି ଝରଣା ଭଳି ସ୍ୱଚ୍ଛନ୍ଦ ଓ ପ୍ରଖର ଭଳି କଟିଥିଲା। ବାପା ଥିଲେ ସାହିତ୍ୟପ୍ରେମୀ, ତେଣୁ ଖୁବ୍ ପଢ଼ାପଢ଼ି କରୁଥିଲେ। ସେହି ସୂତ୍ରେ ମୋର ପଠନ ରୁଚିର ବିକାଶ ହୋଇଥିଲା। ଲେଖିବା ପାଇଁ ପରିସ୍ଥିତି ବା ପରିବେଶ ଦରକାର ହୁଏ ନାହିଁ ଏହା ଏକ ସ୍ୱତଃପ୍ରବୃତ୍ତ ଚିନ୍ତା ଓ ଚେତନା ; ଯାହା ଷଷ୍ଠ ଇନ୍ଦ୍ରିୟ ଦ୍ୱାରା ପ୍ରସୂତ।' ହୃଦୟର ମଟାଳ ମାଟିକୁ ଦୁଃଖର ଅଶ୍ରୁରେ ନ ଧୋଇଲେ ସେଠି ମାନବିକତାର ବୀଜ ଅଙ୍କୁରିତ ହୁଏନାହିଁ। ତେଣୁ ଦୁଃଖ ହିଁ ତାଙ୍କର ପୁଞ୍ଜି ଓ ସାମର୍ଥ୍ୟ ବୋଲି ମାନୀ ମାନନ୍ତି। ବୋଧହୁଏ ସେଥିପାଇଁ ହସ ଟିକେ ମୁହଁରେ ଖେଳେଇ ରଖିବାକୁ କୁଣ୍ଠିତ ହେଉଥାନ୍ତି। ସ୍ୱଭାବରେ ଶିଶୁ ଭଳି ସରଳ, ଅକପଟ ମାନୀ ଓରଫ ମିନତି ଦାଶ ସାଂଗଠନିକ କାମରେ ମାଆ ଭଳି ଦୃଢ଼, ଶକ୍ତ ଓ ଚଞ୍ଚଳ।

ବାଲ୍ୟକାଳୁ ସାହିତ୍ୟ ଓ ସେବା ପ୍ରତି ଉତ୍ସର୍ଗୀକୃତ ମିନତିଙ୍କ ଜୀବନ ଯଦିଓ ସଂଘର୍ଷରେ ଭରା କିନ୍ତୁ କେଉଁଠି ବି ଥକି ନ ଯାଇ ଚାଲିବି ଚାଲିବି ନ୍ୟାୟରେ ସେ ଜୀବନ ଦେଇଥିବା ରାସ୍ତାରେ ଆଶାର ମଶାଲ ଧରି ଗତି କରିଛନ୍ତି। ରାସ୍ତାକଡ଼ରେ ପଲିଥିନ ଘରେ ଯେନତେନ ଜୀବିକା ନିର୍ବାହ କରୁଥିବା ଜରିଗୋଟାଳି ପିଲାମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଯତ୍ନ ଓ ଦାୟିତ୍ୱ ସେ ବ୍ୟକ୍ତିଗତ ଭାବରେ ନେଇଛନ୍ତି ଓ ଏଯାବତ୍ ନେଉଛନ୍ତି ମଧ୍ୟ। ଜାତି, ଧର୍ମର ବିଭେଦରୁ ଊର୍ଦ୍ଧ୍ୱକୁ ଯାଇ ଅବହେଳିତ ଶିଶୁଙ୍କ ପାଇଁ ନିଜ ସାଧ ମୁତାବକ କାମ କରନ୍ତି ସେ ; ଯେଉଁଥିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିବାହ ଭଳି ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟ ସାମିଲ ଥାଏ। ବିଭିନ୍ନ ଅନାଥାଶ୍ରମ, ଜରାନିବାସ, ସମାଜ ଉନ୍ନୟନ ସଂଗଠନ ସହ ଜଡ଼ିତ ହୋଇ ରକ୍ତଦାନ, ଶିଶୁଶ୍ରମିକ ଉଚ୍ଛେଦ, କନ୍ୟାଭ୍ରୂଣ ହତ୍ୟା, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସଚେତନତା ରାଲି, ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ନିରୀକ୍ଷଣ କାର୍ଯ୍ୟ ଆସେ। ମାନୀ ଦାଶ ରେଡ୍‌କ୍ରସର ଜଣେ ଆଜୀବନ ସଦସ୍ୟା ମଧ୍ୟ। ରେଡ୍‌କ୍ରସ୍ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଆନନ୍ଦ ସାଉଁଟୁଥାନ୍ତି ସେ।





ଗତାନୁଗତିକ ଜୀବନର ନାନାଦି ଉପଲବ୍ଧି ହିଁ ତାଙ୍କ ସର୍ଜନାର ମାଟି ଯେଉଁଠି ସେ ଗଳ୍ପ, କବିତା, ପ୍ରବନ୍ଧ, ନାଟକ ଭଳି ମଞ୍ଜି ପୋତି ସାହିତ୍ୟର ବଗିଚା ତିଆରିଛନ୍ତି। ଶ୍ରମକୁ, ଲୁହକୁ, ବେଦନାକୁ ସାର କରି ହୃଷ୍ଟପୁଷ୍ଟ କରିଛନ୍ତି ତାରାମାନଙ୍କୁ। ଗଳ୍ପ ହେଉ କି କବିତା ଅଥବା ଫିଚର ସବୁଥିରେ ତାଙ୍କ ଅଙ୍ଗେନିଭା ଅନୁଭୂତିର ପ୍ରତିଫଳନ। ନିଜ ରଚିତ ଛଅଖଣ୍ଡ ପୁସ୍ତକ ଭିଜାମାଟିର ବାସ୍ନା(ଗଳ୍ପ), ଅଭିଯୋଗ ଈଶ୍ୱରଙ୍କୁ(କବିତା), ନୀଳ ନିର୍ବାଣ(କବିତା), ଦୀପଜ୍ୟୋତି(କବିତା), କାନ୍‌ଭାସ(କବିତା), ସେ(କବିତା) ଇତ୍ୟାଦି ତାଙ୍କର ପ୍ରକାଶିତ ଏବଂ ପାଠକାଦୃତ। "ଆଦ୍ୟା" ଭଳି ଲୋକପ୍ରିୟ ପତ୍ରିକାର ସମ୍ପାଦିକା ଥିବା ମାନୀ ଦାଶ ଅନ୍ୟ କେତେକ ପତ୍ରିକାର ସହ ସମ୍ପାଦିକା ଥାଇ ସାହିତ୍ୟ ସେବାରେ ବ୍ରତୀ ଅଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜର ପୂର୍ବତନ ସମ୍ପାଦିକା ଭାବେ କାର୍ଯ୍ୟ କରିଥିବା ମାନୀ ନେହେରୁ ଯୁବ ପ୍ରତିଷ୍ଠାନ, ଓଡ଼ିଶା ଲେଖିକା ସଂସଦ, ଗୋଦାବରୀଶ ସାହିତ୍ୟ ସଂସଦ, ଫକୀରମୋହନ ସାହିତ୍ୟ ସଂସଦ, କେଦାରନାଥ ଗବେଷଣା କେନ୍ଦ୍ର ଭଳି ପ୍ରାୟ ପଚାଶରୁ ଅଧିକ ଅନୁଷ୍ଠାନର ଆଜୀବନ ସଦସ୍ୟା। ସାହିତ୍ୟରେ ତାଙ୍କର ଆଖିଦୃଶିଆ କାର୍ଯ୍ୟ ପାଇଁ ଓଡ଼ିଶା ବାହାରୁ ନେପାଳରୁ ଡଟର୍ ଅଫ୍ ହିମାଳୟ ସମ୍ମାନ, କାଠମାଣ୍ଡୁରୁ ହିମୟନ୍ତୀ ପତ୍ରିକା ସମ୍ମାନ, ଦିଲ୍ଲୀରୁ ଦଳିତ ସାହିତ୍ୟ ଏକାଡେମୀ ସମ୍ମାନ, କର୍ନାଟକରୁ ସାହିତ୍ୟ ଓ ସୃଜନ ପାଇଁ ସମ୍ମାନପ୍ରାପ୍ତ ହେବା ସହ ଓଡ଼ିଶାରୁ ଓଡ଼ିଶା ଲେଖିକା ସଂସଦ, ଗୋଦାବରୀଶ ସାହିତ୍ୟ ସଂସଦ, ଫକୀରମୋହନ ସାହିତ୍ୟ ସଂସଦ ଏବଂ ଟାଇମ୍‌ପାସ୍ ଭଳି ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ସମ୍ମାନରେ ସେ ସମ୍ମାନିତା।

ଜଣେ ସୁଗୃହିଣୀ, ସାହିତ୍ୟିକା, ସମାଜସେବୀ ଓ ସଂସ୍କାରଧର୍ମୀ, ଭଗବତ୍ ବିଶ୍ୱାସୀ ମାନୀ ଜଣେ ସାଧାରଣ ସ୍ତରରେ ଅସାଧାରଣ ଭାବରେ ଅନନ୍ୟା କହିଲେ ଅତ୍ୟୁକ୍ତି ହେବନାହିଁ। ସାହିତ୍ୟ କ୍ଷେତ୍ରରେ ଜଣେ ସଂଯୋଜିକା, ସୁବକ୍ତା ତଥା ମଞ୍ଚ ପରିଚାଳିକା ହିସାବରେ ସୁଖ୍ୟାତି ଅର୍ଜନ କରିଥିବା ମାନୀଙ୍କ ମାନବିକତା ଆଜିର ନୁହେଁ ବରଂ କାଲିରେ ତାଙ୍କୁ ସାଧାରଣ ଲୋକଙ୍କ ହୃଦୟରେ ସାଇତି ରଖିବ, ଏଥିରେ ସନ୍ଦେହ ନାହିଁ।

– ମାନମୟୀ ରଥ
ସେଣ୍ଟ ଜାଭିୟର୍ସ କିଟ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯




# ଆଜି ଏ ସହରରେ ତୁମେ ନାହଁ

–ସୁଜାତା ମହାପାତ୍ର

ଆଜି ଏ ସହରରେ ତୁମେ ନାହଁ । ଯେମିତି ଜହ୍ନ ହଜିଯାଇଛି ଆକାଶର ଛାତିରୁ ! ସହର ମାରା ମାରା ଲାଗୁଛି । କେବଳ ଜଣେ ମଣିଷର ଉପସ୍ଥିତିରେ କେମିତି ଚଳଚଞ୍ଚଳ ହୋଇ ଯାଉଥିଲେ ଏ ସହରର ରାସ୍ତାଘାଟ, କଂକ୍ରିଟ ଘର, ଗଛଲତା, ପାର୍କ ଓ ନଈକୂଳ !

ହେଲେ ଏବେ !

ନିର୍ଜୀବ ପ୍ରାୟ ପଡ଼ି ରହିଛନ୍ତି ସମସ୍ତେ !

ମୁଁ ଚାଲିଛି ସତ କିନ୍ତୁ ଗୋଡ଼ମାନେ ଭୁଲି ସାରିଛନ୍ତି ଅନୁଭବ ।

ତୁମ ଘର ରାସ୍ତା ଆଜି ମୋତେ କାନ୍ଦ କାନ୍ଦ ଲାଗୁଥିଲା । ତୁମେ ଯେଉଁ ଧୂଳିକୁ ଛୁଇଁ ବାଟ ଚାଲୁଥିଲ ସେ ଆଜି ଶେତା ଦିଶୁଥିଲା । ଦେହ, ମନ ସବୁ ଅବଶ । ତଥାପି ତୁମ ଘର ଦୁଆରେ କଲିଂବେଲ ଟିପିବା ବେଳେ ଲାଗୁଥିଲା ହେଇଟି ତୁମେ ଆସିବ, ଆଉ ହସ ହସ ମୁହଁରେ ମୋତେ ସ୍ୱାଗତ ଜଣାଇବ ! ତୁମ ଡ୍ରଇଂ ରୁମର ସୋଫା ଓ ସାଇଡ ଟେବୁଲର ତୋଫା ଧଳା ରଙ୍ଗର ମାର୍ବଲ ମୂର୍ତ୍ତି, ଦୁହେଁ ପରସ୍ପର ସହ ଦୁଃଖ ବାଣ୍ଟୁଥିଲେ । ମୁଁ ସହଭୋଗୀ ହେଲି । ସେମାନଙ୍କୁ ଭଲ ପାଉଥିବା ହାତର ଛୁଆଁ ପାଇ ନ ଥିଲେ ସେମାନେ ଢେର୍ ଦିନରୁ । ମୁଁ ବି ! କିନ୍ତୁ କେହି କାହାକୁ ଜଣାଇପାରିଲୁ ନାହିଁ କିଛି ବି ।

ଚୁପଚାପ ସୋଫାରେ ବସି ଅପେକ୍ଷା କରିଥିଲି ତୁମ ହାତର ଚା' କପକୁ, ଯଦିଓ ମୁଁ ଜାଣିଥିଲି ତୁମେ ଆସିବନି ଜମା ବି । କେହି ଜଣେ ଆଣି ମୋ ହାତରେ କପେ ଚା' ଧରେଇ ଦେଲା । ମୋ ଅନ୍ୟମନସ୍କତାରେ ସୁଦ୍ଧା ମୁଁ ଜାଣିପାରିଲି ସେ ତୁମେ ନ ଥିଲ । ଚା' ବି ଜାଣିଥିଲା ସେ ସ୍ୱାଦ ହରାଇ ସାରିଛି । ସେଇମିତି ଜଡ଼ କପ ଭିତରେ ଥଣ୍ଡା ଥଣ୍ଡା ନିଃଶେଷ ହୋଇଗଲା । ମୁଁ ତା' କଥା ଜମାରୁ ଭାବୁ ନ ଥିଲି । ଆଖି, ମନ, ଦେହ କେବଳ ତୁମକୁ ହିଁ ଖୋଜୁଥିଲା । ତୁମ ସ୍ୱର, ତୁମ ବାସ୍ନା ! ତୁମେ ନ ଥାଇ ବି ସେଇଠି କେଉଠି ଥିଲ ହେଲେ ମୋ ଦୃଷ୍ଟି ପହଞ୍ଚି ପାରୁ ନ ଥିଲା ତୁମ ଯାଏ ।

ନୂଆ ନୂଆ ରଙ୍ଗକରା କାନ୍ଥ ଦେହରେ ତୁମ ଛାଇ ସ୍ପଷ୍ଟ ଥାଇ ବି ମୁଁ ଖୋଜି ପାଇ ପାରୁ ନ ଥିଲି ତୁମକୁ । ତୁମ ଆଖି ଭଳି କାନ୍ଥରେ ଓହଳିଥିବା ସେହି ଦର୍ପଣଟି ବାରମ୍ବାର ମୋତେ ତା' ଆଡ଼କୁ ଟାଣି ନେଉଥିଲା, ଯେଉଁଠି ଦିନେ ତୁମେ ଆଉ ମୁଁ ଏକାଠି 'ଆମକୁ' ଦେଖି ଖୁବ ଖୁସୀ ଥିଲେ । ମୁଁ ଆଜି ସେ ଦର୍ପଣ ଆଡକୁ ଦେଖିବାକୁ ଭୟ କରୁଥିଲି ।

ସାନ୍ଧ୍ୟ ଆକାଶରେ ତାରାମାନେ ମିଟି ମିଟି କରୁଥିଲେ ସତ, ହେଲେ ଝାଉଁଳି ଯାଇଥିଲା ସେମାନଙ୍କ ଚମକ । ତୁମ ବାଲକୋନିର ଗଛ ସବୁ ଖୁବ୍ ନିରୀହ ଭାବରେ ମୋତେ ଚାହିଁଥିଲେ । ବୋଧହୁଏ ତୁମେ ନ ଥିବାର ଦୁଃଖ ବାଣ୍ଟୁଥିଲେ । ସେମାନଙ୍କୁ ମୁଁ ଆଶ୍ୱାସନା ଦେଇପାରିଲି ନାହିଁ ଯେ, 'ତୁମେ ଫେରୁଛ, ଶୀଘ୍ର ଫେରିବ' ।

ତୁମେ କ'ଣ ସେ ଅଫେରା ରାଇଜରୁ ସତରେ କେବେ ଫେରିବ ?

ମୁଁ ଅପେକ୍ଷାରେ ...!!

*–ଶିବାନୀ ଏନ୍‌କ୍ଲେଭ,*
*ବମିଖାଲ କେନାଲ ରୋଡ, ଭୁବନେଶ୍ୱର*
*ମୋ: ୯୪୩୭୩୬୦୯୬୪*

## ତିନି ଟୋପା ଲୁହର କୋଲାଜ୍

–ଶ୍ରୀଗୋବିନ୍ଦ

–ଏକ–

ଏ ଆଖି ଲୁହ ସେ ଆଖିରେ ମାରି
ହୃଦୟ ଦେଇଛି ଜାଳି,
ନିଜ ଠାରୁ ନିଜେ ଦୂରେଇ ଗଲେ ବି
ତୋତେ ମୁଁ ପାରୁନି କଳି ।

–ଦୁଇ–

ଯେଉଁ ଲୁହ ଟୋପାଏ ଆଖିରେ ଥିଲା
ଛାତିରେ ରଖିଛି ଜାକି,
ହୃଦୟ ଦୀପରେ ଜଇଦେବି ଦିନେ
ଗଲେ ତୋ ସଳିତା ଶୁଖି ।

–ତିନି–

ନିଦ ମୋ ଆଖିରେ ଦିଅ କି ନଦିଅ
ଦିଅ ଦୁଇ ଟୋପା ଲୁହ,
ସଳିତା ହୋଇ ମୁଁ ଜଳିବି ପ୍ରେମରେ
ଲୁହକୁ କରି ମୁଁ ଘିଅ ।


*–ସାନମଛୁଆଘାଇ, ରାଜଘରପୋଖରୀ,*
*ବାସୁଦେବପୁର, ଭଦ୍ରକ,*
*ମୋ: ୭୦୦୮୯୧୩୫୮୯*

## ପଦେ କଥା

–ରଜତ ମହାନ୍ତି

ତୁମେ ହିନ୍ଦୁ ହୁଅ,
କେ ମନା କରୁଛି ?
ହେଲେ
ଭାରତୀୟ ହେବାର
ସୂତ୍ର ବି
ତୁମକୁ ହିଁ ଖୋଜିବାର ଅଛି ।

–ବଳଗଣ୍ଡି, ପୁରୀ
ମୋ: ୮୯୦୮୦୬୬୫୬୨



# ଅସରପାକୁ ଡର

ଦିଶା ପଟାନିଙ୍କୁ ସବୁ ପ୍ରାଣୀଙ୍କ ବିଷୟରେ କୁହନ୍ତୁ, କିଛି ନାହିଁ, ହେଲେ ଗୋଟିଏ ଜୀବ କଥା ଶୁଣିଲେ ତାଙ୍କୁ ଭାରି ଭୟ ଲାଗେ। ଆଉ ତାକୁ ଯଦି ଦେଖି ଦିଅନ୍ତି ତାହେଲେ ତାଙ୍କର ଅବସ୍ଥା ନ କହିବା ଭଲ। ସେହି ଜୀବଟି ହେଲା ଅସରପା। ଏକଦା ସେ ତାଙ୍କର ଜଣେ ସାଙ୍ଗଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଖିଆପିଆ ଆରମ୍ଭ ହେବା ପୂର୍ବରୁ ଗୁଲିଖଟି ଚାଲିଥାଏ। ସେତିକି ବେଳକୁ ତାଙ୍କର ନଜର ପଡିଗଲା ଗୋଟିଏ ଅସରପା ଉପରେ। ଆଉ ତା'ପରେ ଦିଶାଙ୍କ ଅବସ୍ଥା ଯାହା ହେଲା ନ କହିବା ଭଲ। ସେ ଚିତ୍କାର କରି ଘର ବାହାରକୁ ଚାଲିଆସିଲେ। ହଠାତ୍ ଦିଶା ଏମିତି କାହିଁକି ପାଟିକଲେ ତାହା ଜାଣିବାକୁ ପରିବାର ସଦସ୍ୟମାନେ ସେଠାରେ ପହଞ୍ଚି ଗଲେ। ଆଉ ବୁଝୁ ବୁଝୁ କ'ଣ ନା ଏକ ଅସରପାକୁ ଦେଖି ତାଙ୍କର ଏଭଳି ଅବସ୍ଥା। ଏ ନେଇ ଦିଶା କହନ୍ତି, 'ମୋତେ ଅସରପାକୁ ଦେଖିଲେ ଭାରି ଭୟ ଲାଗେ। ସେଦିନ ମୋ ସାଙ୍ଗ ଘରେ ଯାହା ହେଲା ତାହା ମୋତେ ଭାରି ଦୁଃଖ ଦେଇଥିଲା, ହେଲେ ମୁଁ କ'ଣ କରିବି। ଏଭଳି ଅଭ୍ୟାସ ମୋର ପିଲାଟି ଦିନରୁ ରହିଆସିଛି। ସେଦିନ ପ୍ରାୟ ଦୁଇ ଘଣ୍ଟା ପରେ ମୁଁ ସାଧାରଣ ଅବସ୍ଥାକୁ ଆସିଥିଲି ଆଉ ତା'ପରେ ଡିନର ସାରି ଘରକୁ ଫେରିଥିଲି।' ସିଦ୍ଧାର୍ଥ ମାଲହୋତ୍ରା ଏବଂ ଦିଶାଙ୍କୁ ନେଇ ନିର୍ମିତ 'ଯୋଦ୍ଧା' ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ସେ ଆଶା ରଖିଛନ୍ତି।


ଦିଶା ପଟାନି

# ଓଟିଟି ପ୍ଲାଟଫର୍ମରେ ଆନନ୍ଦ


ଆନନ୍ଦ

ନିର୍ଦ୍ଦେଶକ ଆନନ୍ଦ ଏଲ. ରାଇ ଓଟିଟି ପ୍ଲାଟଫର୍ମରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଡିଜିଟାଲ ଜଗତରେ ପାଦ ଦେବାକୁ ସେ ଗତ କିଛି ମାସ ହେବ ପ୍ରସ୍ତୁତି ଚଲାଇଥିଲେ। ଶେଷରେ ଏକ ରୋମାନ୍ସ-ଡ୍ରାମା ଭିତ୍ତିକ କାହାଣୀକୁ ଆଧାର କରି ନିର୍ମିତ ହେଉଥିବା ୱେବ୍ ସିରିଜର ସେ ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। କେବଳ ସେତିକି ନୁହେଁ, ଏହାପରେ ଏକ ସସପେନ୍ସ ଥ୍ରୀଲର ସିରିଜ ମଧ୍ୟ ସେ ନିର୍ଦ୍ଦେଶନା ଦେବେ। ଏ ବିଷୟରେ ଆନନ୍ଦ କହନ୍ତି, 'ଏବେ ବଡ ପରଦା ପରି ଓଟିଟି ପ୍ଲାଟଫର୍ମର ଚାହିଦା କିଛି କମ୍ ନୁହେଁ। ତେଣୁ ଅନେକ ଚିନ୍ତା କରିବା ପରେ ମୁଁ ଏ ଦୁନିଆରେ ପାଦ ଦେବାକୁ ଯାଉଛି। ଏଠାରେ କୌଣସି ସିରିଜ ନିର୍ମାଣ କରିବା ପୂର୍ବରୁ ପ୍ରତିଟି କ୍ଷେତ୍ର ପ୍ରତି ଭଲ ଭାବରେ ନଜର ଦେବାକୁ ପଡିଥାଏ। ଦର୍ଶକମାନଙ୍କ ସହ ଯୋଡି ହୋଇ ରହିବାର ଏହା ହେଉଛି ଅନ୍ୟତମ ମାଧ୍ୟମ। ଆଜି ସେମାନଙ୍କ ପାଇଁ ହିଁ ମୁଁ ନିର୍ଦ୍ଦେଶନା ଦେଉଛି।' ପାଠ ପଢ଼ା ଶେଷ ହେବା ପରେ ଆନନ୍ଦ ଜଣେ ଇଞ୍ଜିନିୟର ଭାବରେ ଚାକିରି କରିଥିଲେ। କିନ୍ତୁ ଅଭିନୟ ଦୁନିଆ ସତେ ଯେମିତି ତାଙ୍କୁ ଅପେକ୍ଷା କରି ରହିଥିଲା। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଷ୍ଟ୍ରେଞ୍ଜର୍ସ'। ପରେ ସେ ଉଭୟ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଲେ। ଏବେ ଓଟିଟି ଦୁନିଆରେ ସେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ହୁମା ଯାହାଙ୍କୁ ଖୋଜୁଥିଲେ...

ହୁମା କୁରେସି ଏବେ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାରଙ୍କ ପ୍ରଶଂସାରେ ଶତମୁଖ। ଏହା ପଛରେ ସେପରି କାରଣ ନିଶ୍ଚୟ ରହିଥିବ। କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ପୂଜା ମେରି ଜାନ୍'ର ଶୁଟିଂ ସମୟରେ ଥରେ ଅକ୍ଷୟ ହଠାତ୍ ସେଟ୍‌ରେ ପହଞ୍ଚି ଯାଇଥିଲେ। ଆଉ ବ୍ରେକ୍ ସମୟରେ ତାଙ୍କର ପିଛା ଛାଡି ନ ଥିଲେ ହୁମା। ଏ ନେଇ ସେ କହନ୍ତି, 'ଅକ୍ଷୟଙ୍କୁ ସେଦିନ ସେଟ୍‌ରେ ଦେଖିଲା ପରେ ମୋତେ ଖୋଜିଲା ଚିଜ ମିଳିଗଲା ପରି ଲାଗିଥିଲା। କାରଣ କେତୋଟି ବିଷୟରେ ମୁଁ ତାଙ୍କ ସହ ଆଲୋଚନା କରିଥାଆନ୍ତି। ଆଉ ଏକଥା ଯେତେବେଳେ ତାଙ୍କୁ ମୁଁ କହିଲି ସେ ମୋ ସମସ୍ୟାର ସହଜରେ ସମାଧାନ କରିଦେଇଥିଲେ। ଅସଲ କଥା ହେଲା ଆଗକୁ ମୁଁ ଏକ ସିନେମାରେ ଅଭିନୟ କରିବାକୁ ଯାଉଛି। ସେଥିରେ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ। ତେଣୁ ଏ ନେଇ ମୁଁ ତାଙ୍କ ସହ ଆଲୋଚନା କରିଥିଲି। କେବଳ ସେତିକି ନୁହେଁ, ଏପରି ଶଟ୍ ଶିଖିବାକୁ ସେ ମୋ ପାଇଁ ଜଣେ ଟ୍ରେନର ମଧ୍ୟ ଯୋଗାଡ କରିଦେଇଛନ୍ତି।' ହୁମାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୨ରୁ। ଇତିମଧ୍ୟରେ ସେ ଗତ ୧୨ ବର୍ଷ ମଧ୍ୟରେ ପ୍ରାୟ ୨୫ଟି ସିନେମାରେ ଅଭିନୟ କରିସାରିଲେଣି।


ହୁମା

# ଚାଲିଛି ପ୍ରସ୍ତୁତି


ଦୀପିକା

ଦୀପିକା ପାଦୁକୋନ୍ ଏବେ ସଜବାଜରେ ବ୍ୟସ୍ତ। କଥା କ'ଣ କି ଏକ ଗୀତର ଶୁଟିଂ ହେବା ପୂର୍ବରୁ ସେ ଏହାର ପ୍ରାକ୍ଟିସରେ ବ୍ୟସ୍ତ ଅଛନ୍ତି। ନିକଟରେ ସେ ସାଇନ୍ କରିଥିବା ଅନଟାଇଟଲ୍‌ଡ ଫିଲ୍ମରେ ଏହି ଗୀତଟି ସଂଯୋଜିତ ହୋଇଛି। ଏ ନେଇ ଦୀପିକା କହନ୍ତି, 'ଯେତେବେଳେ ଏହି ସୋଲୋ ଗୀତଟିକୁ ମୁଁ ଶୁଣିଲି ତାହାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ଚିନ୍ତା କରିଥିଲି। ତା'ପରେ ଏ ନେଇ କୋରିଓଗ୍ରାଫର ସହ ବିଷଦ ଭାବରେ ଆଲୋଚନା କଲି। ଆଉ ଏବେ ନିଜକୁ ପ୍ରାକ୍ଟିସରେ ବ୍ୟସ୍ତ ରଖିଛି। ଏହି ନୂଆ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। କାହାଣୀକୁ ଆଧାର କରି ଏକ ମନଲାଖି ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ। ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ଶୁଣିବା ପରେ ସେଗୁଡିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ଏ ସମ୍ପର୍କରେ ଦୀପିକା କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ସେପଟେ ପ୍ରଯୋଜକ କାହାଣୀକୁ ଆଧାର କରି ଏକ ମନଲାଖି ଟାଇଟଲ ସନ୍ଧାନରେ ଅଛନ୍ତି।' ଅନ୍ୟପକ୍ଷରେ ଦୀପିକାଙ୍କ ଅଭିନୀତ 'କଲ୍‌କି ୨୮୯୮ ଏଡି' ଚଳିତ ବର୍ଷ ମେ' ୯ରେ ରିଲିଜ ହେଉଛି। ନାଗ ଅଶ୍ୱିନୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏଡି ଫିଲ୍ମରେ ପ୍ରଭାସ, ଅମିତାଭ ବଚ୍ଚନ, କମଲ ହାସନ ଏବଂ ଦିଶା ପଟାନି ମଧ୍ୟ ଅଭିନୟ କରିଛନ୍ତି।

ଆଲିୟା



# ଘର ସଜାରେ ମନ

କଥାରେ ଅଛି ବସିବା ଠାରୁ କାଶିବା ଭଲ। ତେଣୁ ଘରେ ବା ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ସମୟ ସେ ଘର ସଜାଇବାରେ ମନୋନିବେଶ କରିଛନ୍ତି। ସେ କିଏ ଜାଣନ୍ତି ? ଆଲିୟା ଭଟ୍ଟ। ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ଏଥିରେ ସେ ନିଜକୁ ବ୍ୟସ୍ତ ରଖିଛନ୍ତି। ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଘର ସଜା ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ନିଜକୁ ଘର ସଜାରେ ନିୟୋଜିତ ରଖୁଛି। ବିଶେଷଭାବରେ ମୋର ଏକ ନୂଆ ରୁମ୍‌ର ଇଣ୍ଟିରିୟର ଡିଜାଇନ୍ ଚାଲିଛି। ଏହାର କାମକୁ ନିଜେ ହିଁ ତଦାରଖ କରୁଛି। ତା'ସହ ଏକ ଫିଲ୍ମର ପ୍ରଯୋଜନା କରୁଛି।' ଆଲିୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ଶିଶୁ କଳାକାର ଭାବରେ। 'ସଂଘର୍ଷ' ଫିଲ୍ମରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ପରବର୍ତ୍ତୀ ସମୟରେ ନାୟିକା ଭାବରେ ତାଙ୍କୁ ବ୍ରେକ୍ ମିଳିଥିଲା ୨୦୧୨ରେ ଆଉ ଫିଲ୍ମଟିର ଟାଇଟଲ ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। ତା'ପରେ 'ହାଇୱେ', 'ଟୁ ଷ୍ଟେଟସ', 'ହମ୍ପଟି ଶର୍ମାକି ଦୁଲହନିୟାଁ', 'ଉଡତା ପଞ୍ଜାବ', 'ରାଜି', 'କଲଙ୍କ' ଆଦି ସିନେମାରେ ସେ ଅଭିନୟ କରିସାରିଛନ୍ତି।

# ଶୁଭ ଦିନକୁ ଅପେକ୍ଷା


ବବି ମିଶ୍ର

ବବି ମିଶ୍ର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଫେରିଲେ ମୁଁ ତୁମର'। ଏକ ଭିନ୍ନଧରଣ ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏହାର କାହାଣୀ ଅଭିନେତା ବବି ମିଶ୍ର ଲେଖିଥିବା ବେଳେ ତାହାକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଚିତ୍ରକୁ ନିର୍ମାଣ କରାଯାଇଛି। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡିର ଭରପୁର ତଡକା ରହିଛି ବୋଲି କହନ୍ତି ଡ. ରଜନୀ। ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ମିତ, ବବି ମିଶ୍ର, ତୃପ୍ତି, ଭାବନା, ପପି ସନ୍ତୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ଦେବକାନ୍ତ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ଏକଜ୍ୟୁକ୍ୟୁଟିଭ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ତେବେ ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ରୋଜଗାର

# ବାପା ଓ ଆଈଙ୍କୁ ଦେଇପାରିଲିନି ପ୍ରଥମ ଦରମା



ସାହିତ୍ୟିକା
**ଶ୍ୱେତପଦ୍ମା ପାଢ଼ୀ ତ୍ରିପାଠୀ**
ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ବା**ପା ସବୁବେଳେ ମୋତେ ଝିଅ ବଦଳରେ ପୁଅ ଭାବି ଆସିଥିଲେ ; ତେଣୁ ମୁହଁ ଖୋଲି କିଛି ମାଗିବା ପୂର୍ବରୁ ହିଁ ଗୋଡ଼ତଳେ ଆଣି ସବୁ ସୁଖ ରଖି ଦେଉଥିଲେ। ଆଉ ଜଣେ ଥିଲା ମୋ ଆଈ। ମୋ କୃତିତ୍ୱ ଉପରେ ସେ ସବୁବେଳେ ଗର୍ବ କରି ଆଶୀର୍ବାଦ ରୂପେ ଶହେ ଟଙ୍କିଆ ନୋଟ ମୋ ହାତରେ ଗୁଞ୍ଜି ଦେଉଥିଲା। ଯେବେ ଘର ଛାଡ଼ି ଓଡ଼ିଶା ବାହାରକୁ ଚାକିରି ପାଇଁ ଗଲି ବାପା ମୋ ହାତରେ ଏଚ୍ଏମ୍ଟି ଘଡ଼ି ଆଉ ମୋବାଇଲଟେ ଦେଇଥିଲେ। ଝିଅ ପିଲା ଘରୁ ଏତେ ଦୂରେ ରହିବ କେତେବେଳେ କ’ଣ ଦରକାର ପଡ଼ିବ ସେଥିପାଇଁ! ଆଉ ଆଈ, ସେ ଏଥର ଗୋଟିଏ ଶହେ ଟଙ୍କିଆ ନୋଟ ବଦଳରେ ପାଞ୍ଚଟା ଶହେ ଟଙ୍କିଆ ଖଡ଼ ଖଡ଼ ନୂଆ ନୋଟ ହାତରେ ଧରେଇଲା ଓ ବିକଳ ହୋଇ କହିଲା, ଜଲଦି ଆଇବୁ ତୋତେ ନ ଦେଖିଲେ ମୋ ମନ ବୁଝିବନି। ଯା’ହେଉ ତାକୁ ବୁଝାଶୁଝା କରି ଗଲି। ଚାକିରି ଏକ ଷ୍ଟାର୍ଟଅପ୍ କମ୍ପାନୀରେ ଥିଲା। ପ୍ରଥମ ଚାରିମାସ ପ୍ରୋବେସନ୍ ସମୟ। ତେଣୁ ଦରମା ମିଳୁ ନ ଥିଲା। ବାପା ଟଙ୍କା ପଠାଉଥିଲେ ପ୍ରତିମାସ। ସବୁଥର ଭାବୁଥିଲି ଯେଉଁଦିନ ମୋ ଚାକିରି ସ୍ଥାୟୀ ହୋଇ ପ୍ରଥମ ଦରମା ପାଇବି ; ସେଦିନ ବାପା ଓ ଆଈ ପାଇଁ ନିଶ୍ଚୟ କିଛି କିଣିବି। ହେଲେ ପ୍ରଥମ ଦରମା ମିଳିବା ପୂର୍ବରୁ ଆଈ ଆଖି ବୁଜି ଦେଲା। ଅଫିସ୍‌ରେ ଛୁଟି ନ ମିଳିବାରୁ ଶେଷଥର ପାଇଁ ତାକୁ ଦେଖି ବି ପାରିଲି ନାହିଁ। ବାପାଙ୍କୁ କହିଲି, ମୋ ପ୍ରଥମ ଦରମା ଟଙ୍କା ତାଙ୍କ ଆକାଉଣ୍ଟକୁ ପଠାଇଦେବି ବୋଲି। କିନ୍ତୁ ବାପା ମନା କରି କହିଲେ, ‘ତୁ ବାହାରେ ରହୁଛୁ, ତୋର କେତେ କ’ଣ ଖର୍ଚ୍ଚ ରହୁଛି! ତୁ ଯେବେ ଘରକୁ ଆସିବୁ ମୋ ପାଇଁ କିଛି କିଣିଦେବୁ।’ ମୁଁ ଭାବିଲି ଠିକ୍ କଥା ନିଜେ ସାମ୍ନାରେ ତାଙ୍କ ହାତରେ ଦେଲେ ସେ ବେଶି ଖୁସି ହେବେ।

କିନ୍ତୁ ଭାଗ୍ୟର ବିଡ଼ମ୍ବନା ଥିଲା କିଛି ଅଲଗା। ଦରମା ପାଇବା ସପ୍ତାହେ ବି ବିତି ନ ଥିଲା ; ସାନଭାଇ ଫୋନ୍ କରି କହିଲା, ‘‘ନାନୀ ଏମ୍‌ବିଏ କ୍ଲାସ ପାଇଁ ବାପା ଯେଉଁ ଲାପ୍‌ଟପ୍ ଦେଇଥିଲେ ସାଙ୍ଗମାନଙ୍କ ସହ ଝଗଡ଼ା ଲାଗି ହାତରୁ ତାହା ଖସିଗଲା ଆଉ ତା’ର ସ୍କ୍ରିନ ଭାଙ୍ଗିଗଲା। ପ୍ଲିଜ ନାନୀ, ତୁ ଠିକ୍ କରିଦେ ; ହେଲେ ଘରେ କାହାକୁ ଜଣେଇବୁ ନାହିଁ।’’ ଏକଥା ଶୁଣି ମୁଁ ଭୀଷଣ ରାଗିଲି ଆଉ ତାକୁ ବହୁତ ଗାଳି ଦେଲି। କିନ୍ତୁ ବାପା ଜାଣିଲେ କଥା ଖରାପ ହେବ ଭାବି ନିଷ୍ପତ୍ତି ନେଲି ଲାପ୍‌ଟପ୍‌ଟିକୁ ଠିକ୍ କରେଇବାକୁ। ମୋ ଦରମାର ଅଧାରୁ ଅଧିକ ଭାଇର ଲାପ୍‌ଟପ୍ ସଜାଡ଼ିବାରେ ଖର୍ଚ୍ଚ ହୋଇଗଲା। ଆଉ ବାକି ଯାହା ଥିଲା ତାହା ମୋ ମାସିକ ଖର୍ଚ୍ଚରେ ସରିଗଲା। ତେଣୁ ବାପାଙ୍କ ହାତରେ ପ୍ରଥମ ଦରମା ଟଙ୍କା ଦେବାର ଇଚ୍ଛା ମୋର ଆଉ ପୂରଣ ହୋଇପାରିଲା ନାହିଁ। ତେଣୁ ତା’ ପରମାସ ଯେବେ ଦରମା ପାଇଲି, ଛୁଟି ନେଇ ସିଧା ଘରକୁ ଗଲି ଆଉ ବାପାଙ୍କୁ ସାଙ୍ଗରେ ଧରି ବଜାର ଯାଇ ବହୁତ କିଛି ଜିନିଷ କିଣିଥିଲି। ବାପା ସେଦିନ ଖୁବ୍ ଖୁସି ହୋଇଥିଲେ ; ହେଲେ ମୁଁ ଖୁସି ହୋଇପାରୁ ନ ଥିଲି। କାରଣ ଜୀବନର ପ୍ରଥମ ପାରିଶ୍ରମିକ ଟଙ୍କାକୁ ବାପା ଓ ଆଈ ହାତରେ ନ ଦେଇ ପାରିବାର ଅବସୋସ ମୋ ମନ ଭିତରେ କେଉଁଠି ନା କେଉଁଠି ଉଙ୍କି ମାରୁଥିଲା। ତଥାପି ନିଜକୁ ସମ୍ଭାଳି ଆଗକୁ ବଢ଼ିବାକୁ ଚେଷ୍ଟା କଲି। ଚାକିରି ସହିତ ସାହିତ୍ୟ କ୍ଷେତ୍ରରେ ରୁଚି ଥିବାରୁ କ୍ରମେ ଗପ, ଉପନ୍ୟାସ ଆଦି ଲେଖିଲି। ଯା’ ଭିତରେ ‘ସଖି କଣ୍ଢେଇ’ ଶୀର୍ଷକ ଏକ ଉପନ୍ୟାସ ପୁସ୍ତକ ଏବଂ ‘ଆଉ ତା’ପରେ ପୁଣି ସେଇ ଦୁଇ କପ୍ କଫି’ ଶୀର୍ଷକ ଏକ ଗଳ୍ପ ସଂକଳନ ମୋର ପ୍ରକାଶିତ ହୋଇସାରିଛି। ତା’ସହିତ ଏବେ ମୁଁ ‘ବୈଶିଷ୍ଟ୍ୟ’ ନାମକ ଏକ ତ୍ରୟିମାସିକ ପ୍ରସଙ୍ଗ ଭିତ୍ତିକ ପତ୍ରିକାର ମୁଖ୍ୟ ସମ୍ପାଦନା ଦାୟିତ୍ୱ ମଧ୍ୟ ତୁଲାଉଅଛି। ଏବେ ଆଉ ଚାକିରି କରୁନି, ପରିବାର କଥା ବୁଝିବା ସହ ଲେଖାଲେଖିରେ ହିଁ ମୋର ସମୟ ବିତୁଛି।

# ଫୁଲେଇ ରାଣୀ ସେ ରଜନୀଗନ୍ଧା ଚାହାଣୀରେ ମନ ପଡିଛି ବନ୍ଧା

**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ସେ ଯେତେବେଳେ ମୋତେ ଚାହିଁ ଦେଉଛି ମୋ ମନ କ’ଣ ହୋଇଯାଉଛି। ମତେ ଲାଗୁଛି ତା’ ପ୍ରେମ ଜାଲରେ ମୁଁ ବାନ୍ଧି ହୋଇଯାଇଛି। ଏବେ ତା’ସହ ଆଗେଇବା ଠିକ୍ ହେବ କି ?

*–ସୌମ୍ୟଜିତ ସାହୁ, କଟକ*

**ଉତ୍ତର:** ‘ଫୁଲେଇ ରାଣୀ ସେ ରଜନୀଗନ୍ଧା, ଚାହାଣୀରେ ମନ ପଡିଛି ବନ୍ଧା।’ ଯଦି ଆପଣଙ୍କ ଭାବନା ସତ ହୋଇଥାଏ ତେବେ ସେଥିରୁ ପ୍ରେମର ପହିଲି ବାସ୍ନା ଆସୁଛି। ଦୁଇ ମନ ଯଦି ପ୍ରକୃତରେ ମିଶିଥାଏ ତେବେ କିଛି କହିବାର ନାହିଁ। କିନ୍ତୁ ଯଦି ଆପଣ ସପନ ରାଇଜରେ ଭାସୁଥାଆନ୍ତି ତେବେ କଥାଟି ଅଲଗା ହେବ। ତେଣୁ ବାସ୍ତବତାକୁ ଭଲ ଭାବରେ ପରଖି ନିଅନ୍ତୁ। ଆପଣଙ୍କ ମନର ମାନସୀ ଆପଣଙ୍କୁ ଦେଖି ହସି ଦେଉଛି। ବୋଧହୁଏ ସେହି ହସରେ ‘ସମଥିଙ୍ଗ...ସମଥିଙ୍ଗ..’ ରହିଛି। ତେଣୁ ବେଳ ଦେଖି ମାଡି ଯାଆନ୍ତୁ।

**ପ୍ରଶ୍ନ–**ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ?

*–ତନ୍ମୟ ସାହୁ, ବଲାଙ୍ଗୀର*

**ଉତ୍ତର:** କଥାରେ ଅଛି ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣଙ୍କର ମନ ବୋଧହୁଏ ସେହି ସୁନ୍ଦରୀ ତରୁଣୀର ଲାଜୁଆ ହସରେ ବୁଡି ରହିଛି। ହେଲେ ସେହି ହସରେ ଅନେକ କଥା ଲୁଚି ରହିଥାଏ। ‘ଲାଜୁଆ ହସ : କେତେବେଳେ ମିଠା ପୁଣି କେତେବେଳେ ବିଷ’। ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ–**ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ମୁଁ କ’ଣ କରିବି ?

*–ମିଲନ କୁମାର, ଢେଙ୍କାନାଳ*

**ଉତ୍ତର:** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢ଼ଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଝଟ୍‌କା ଦେଇ ଫୁର୍ କିନା ଉଡିଯିବେ। ତେଣୁ ବେଳ ଥାଉ ଥାଉ ସାବଧାନ ରୁହନ୍ତୁ।

**ପ୍ରଶ୍ନ–**ପ୍ରେମ ନିଶା କେତେ ଗାଢ଼ ମୋତେ କହିବେ କି ସାଥୀ ?

*–ପ୍ରୀତମ, ରାଉରକେଲା*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ୍ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ–** ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ସୁନିତ ଦାସ, ଯାଜପୁର*

**ଉତ୍ତର:** ଆପଣ କହିଥିବା ମନର କଥାକୁ ବୋଧହୁଏ ସେ ତର୍ଜମା କରୁଛନ୍ତି। କିଛି ଭଲ ହେଉ କି ମନ୍ଦ କଥା ତାହା ଆପଣଙ୍କ ସାମନାରେ ପ୍ରକାଶ କରିବାକୁ ଚାହୁଁଛନ୍ତି। ହେଲେ ବୋଧହୁଏ ତାଙ୍କର ସାହସ ହେଉନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛନ୍ତି, ତେବେ ଏକଥା ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !



ସାଥୀ

# ନିଆରା କପ୍‌ବୋର୍ଡ

**ଜିନିଷ ରଖିବା ପାଇଁ ପ୍ରାୟ ସମସ୍ତଙ୍କ ଘରେ କପ୍‌ବୋର୍ଡ ଥାଏ। ହେଲେ ଆମେ ଏଠି ଯେଉଁ କପ୍‌ବୋର୍ଡ ସମ୍ପର୍କରେ କହୁଛୁ ତାହା ବେଶ୍ ଅଜବ। ଭାବିବେ ଏସବୁ ଭଙ୍ଗାରୁଜା କପ୍‌ବୋର୍ଡ। ବ୍ୟବହାରଯୋଗ୍ୟ ହୋଇ ନ ଥିବା କିନ୍ତୁ ଏସବୁ ନିଆରା କାରିଗରିର ନିଦର୍ଶନ, ଯାହାକି ବ୍ୟବହାରଯୋଗ୍ୟ ମଧ୍ୟ...**







**ବିଭର କପ୍‌ବୋର୍ଡ:** ଏହି କପ୍‌ବୋର୍ଡକୁ ଦେଖିଲେ ଲାଗିବ ସତେଯେମିତି କେହି ଏହାକୁ ମଝିରୁ ଦୁଇଫାଳ କରିବା ଲାଗି ହାଣିଦେଇଛନ୍ତି, ଯାହାର ମାତ୍ର କିଛି ଭାଗ ଲାଗିରହିଛି। ସାମାନ୍ୟ ଠେଲିଦେଲେ ତାହା ଦୁଇଫାଳ ହୋଇ ତଳେ ପଡ଼ିଯିବ। ହେଲେ ସେମିତି କିଛି ନୁହେଁ। ଏଥିରେ ଜିନିଷ ଆରାମରେ ରଖିହୁଏ। କେବଳ ଭିନ୍ନ ଲୁକ୍ ଦେବାକୁ ଯାଇ ଜୁଡ୍‌ସନ ବିଉମଣ୍ଟ ଏବଂ ତାଙ୍କ ଟିମ୍ ଏହାକୁ ଏଭଳି ତିଆରି କରିଛନ୍ତି ।

**ବୁମ୍ କପ୍‌ବୋର୍ଡ:** ଯଦି କେହି ଏକ କପ୍‌ବୋର୍ଡ ମଝିରେ ବିସ୍ଫୋଟକ ରଖି ବ୍ଲାଷ୍ଟ କରିଦିଏ ତେବେ ତାହା ଯେଉଁଭଳି ଭାବେ ଖଣ୍ଡ ଖଣ୍ଡ ହୋଇଯିବ ଠିକ୍ ସେହିଭଳି ଏହାକୁ ତିଆରି କରାଯାଇଛି। ଉକ୍ତ କପ୍‌ବୋର୍ଡର ତଳଭାଗ ଥିବାବେଳେ ଉପରଭାଗଗୁଡ଼ିକୁ ଖଣ୍ଡ ଖଣ୍ଡ କରି ତିଆରି କରାଯାଇଛି। ଆଉ ପ୍ରତି ପିସ୍ ଗୋଟେ ଗୋଟେ ଛୋଟ କ୍ୟାବିନେଟ୍।

**ବ୍ରାଏନ୍ କପ୍‌ବୋର୍ଡ:** ଏହାକୁ ଦେଖିଲେ ଲାଗେ ସତେଯେମିତି ଏହି କପ୍‌ବୋର୍ଡର ମଝି ଭାଗ ସ୍ପ୍ରିଙ୍ଗ୍ ଭଳି। ତେଣୁ ଉପରଭାଗ କପ୍‌ବୋର୍ଡର ଓଜନରେ ସେହି ସ୍ପ୍ରିଙ୍ଗ୍ ଢଳିକି ରହିଛି। ତେବେ କପ୍‌ବୋର୍ଡର ଏହି ସ୍ପ୍ରିଙ୍ଗ୍ ପରି ମଝିଭାଗ କାଠରେ ତିଆରି ଆଉ ଏଥିରେ ବି ଡ୍ରୟର୍ ଅଛି।

**ସିଣ୍ଡି କପ୍‌ବୋର୍ଡ:** ଏହି କପ୍‌ବୋର୍ଡର ତଳରୁ ଉପରଭାଗ ପର୍ଯ୍ୟନ୍ତ ସମୁଦ୍ର ତରଙ୍ଗ ପରି। ଆଉ ଉପରୁ ତଳ ପର୍ଯ୍ୟନ୍ତ ଏଥିରେ ଡ୍ରୟର ଅଛି, ଯେଉଁଥିରେ ଅନେକ ଜିନିଷ ରଖିହେବ।

**ଜ୍ୟାକ୍ ଇନ୍ ବକ୍ସ କପ୍‌ବୋର୍ଡ:** ବେଳେବେଳେ ସାଙ୍ଗମାନେ ଏଭଳି ଗିଫ୍ଟ ଆଣିଥାନ୍ତି, ଯାହାର ବକ୍ସ ଖୋଲିବା ମାତ୍ରେ ସ୍ପ୍ରିଙ୍ଗ୍ ଛିଟିକି ତା'ର ଉପରଭାଗରେ ଲାଗିଥିବା ଭୟଙ୍କର ଚେହେରା ହେଉ ଅବା ମୁଥ ମାରିବା ପରି ହାତ ଆପଣଙ୍କ ମୁହଁ ପାଖକୁ ଚାଲିଆସେ। ଆଉ ଆପଣ ଚମକି ପଡ଼ନ୍ତି। ସେହି ଥିମ୍‌ରେ ତିଆରି ହୋଇଛି ଏହି କପ୍‌ବୋର୍ଡ। ଏହାର ମଝିରେ ମୋଟା ସ୍ପ୍ରିଙ୍ଗ ଲାଗିଥାଏ। ତେଣୁ ଉପରଭାଗରେ ଥିବା କପ୍‌ବୋର୍ଡ ସେହି ଗିଫ୍ଟ ପରି ସ୍ପ୍ରିଙ୍ଗ୍‌ରୁ ଛିଟ୍‌କି ଖୁଲିବା ଭଳି ରହେ।

**ଜଏନ୍‌ଡ ଆଟ ଦ ହିପ୍ କପ୍‌ବୋର୍ଡ:** 'ଏହି କପ୍‌ବୋର୍ଡର ତଳଭାଗରୁ କିଛି ଉପର ପର୍ଯ୍ୟନ୍ତ ସାମାନ୍ୟ କପ୍‌ବୋର୍ଡ ପରି। ହେଲେ ପରେ ଏହା ଦୁଇଭାଗରେ ବିଭକ୍ତ ହୋଇ 'ୟୁ' ପରି ହୋଇଛି। ଆଉ ସବୁଥିରେ ଡ୍ରୟର ରହିଛି। ତେଣୁ ଅନେକ ଜିନିଷ ଏଥିରେ ରଖିହୁଏ।

**ଆକୋର୍ଡିଆନ କପ୍‌ବୋର୍ଡ:** ଟେବୁଲ ପରି ଏହି କପ୍‌ବୋର୍ଡର ମଝିଭାଗ ସ୍ପ୍ରିଙ୍ଗ୍ ଭଳି, ଯାହାକୁ ଦେଖିଲେ ଲାଗେ ସତେଯେମିତି କେହି ଜଣେ ସେହି ସ୍ପ୍ରିଙ୍ଗ୍‌କୁ ଉପରୁ ତଳଆଡ଼କୁ ଚାପି ଦେଇଛି। ଫଳରେ ଟେବୁଲର ତଳଭାଗ ପ୍ରସାରିତ ହୋଇଯାଇଛି।

**ଉପ୍‌ସ କପ୍‌ବୋର୍ଡ:** ଏହି କପ୍‌ବୋର୍ଡକୁ ଦେଖିଲେ ଲାଗେ ସତେଯେମିତି ଏହାର ମଝି ଭାଗରେ କେହି ବମ୍ ବିସ୍ଫୋରଣ କରିଦେଇଛି। ଫଳରେ ମଝିରେ କଣା ହୋଇଯାଇଛି।

**ରେମଣ୍ଡ କପ୍‌ବୋର୍ଡ:** ଏହି କପ୍‌ବୋର୍ଡ ଦେଖିବାକୁ ଦୁଇ ଗୋଡ଼ ଆଗକୁ ଲମ୍ବାଇ ଓ ଦୁଇ ହାତ ପଛକୁ ରଖି ଆରାମରେ ବସିଥିବା ଜଣେ ବ୍ୟକ୍ତି ପରି ଅବା ଏକ ଆରାମଚେୟାର ଭଳି ଲାଗେ, ଯାହାର ଉପର ଭାଗରେ ଥାଏ ଅନେକ ଡ୍ରୟର।








ଫିଜା

## ହାଃ ହାଃ

### ମାଉସୀ

ଆର୍ମି ଟ୍ରେନିଂ ଦେବାବେଳେ ଅଫିସର ମୋହନଙ୍କୁ: ତମେ ହାତରେ କ'ଣ ଧରିଛ ?
ମୋହନ: ସାର୍, ବନ୍ଧୁକ।
ଅଫିସର୍: ଇଏ ବନ୍ଧୁକ ନୁହେଁ। ତୁମର ଇଜ୍ଜତ, ଗର୍ବ ଓ ତୁମର ମା'।
ଏହାପରେ ଅଫିସର ଗୋବିନ୍ଦଙ୍କୁ: ତମ ହାତରେ ଇଏ କ'ଣ ?
ଗୋବିନ୍ଦ: ସାର୍, ଇଏ ହେଉଛି ମୋହନର ଇଜ୍ଜତ, ଗର୍ବ ଓ ଆମ ମାଉସୀ।

### ଦରମା

ବାପା ପୁଅ ରାଜୁକୁ: ଆଜି ଝିଅଘର ଆସିବେ। ତତେ ଯଦି ପଚାରିବେ କେତେ ଦରମା ପାଉଛୁ ତୁ ବଢେଇକି କହିବୁ।
ରାଜୁ : ହଉ।
ଝିଅଘର ଆସିବା ପରେ ଝିଅର ବାପା ରାଜୁକୁ: ପୁଅ ତମେ କେତେ ଦରମା ପାଉଛ ?
ରାଜୁ: ଏମିତିରେ ତ ମୋର ଦରମା ଦେଢ କୋଟି । ହେଲେ କଟିକାଟି କି ପାଉଛି ୧୦,୦୦୦ଟଙ୍କା।

### ଫରକ୍


ମୋହନ ଅମିତକୁ: କହିଲୁ ଦେଖି ମା' ଓ ସ୍ତ୍ରୀ ଭିତରେ ତଫାତ୍ କ'ଣ ?
ଅମିତ: ମା' କଥା କହିବା ଶିଖାଏ। ଆଉ ସ୍ତ୍ରୀ ଚୁପ୍ ରହିବା।


### ପାଣି


ସ୍ୱାମୀ ସ୍ତ୍ରୀକୁ: ମୋ ପାଇଁ ଗ୍ଲାସେ ପାଣି ଆଣିଲ।
ସ୍ତ୍ରୀ: କ'ଣ ଶୋଷ ଲାଗୁଛି ?
ସ୍ୱାମୀ: ନା, ଚେକ୍ କରିବି ଟଙ୍କିରେ କୋଉଠି ଲିକ୍ ହଉଛି କି ନାଇଁ।



**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।







# ଅନନ୍ୟ ପର୍ଯ୍ୟଟନସ୍ଥଳୀ ଜଗତ୍ସୁଖ

**ଅପୂର୍ବ ପ୍ରାକୃତିକ ପରିବେଶରେ ଭରା ଜଗତ୍ସୁଖ ହେଉଛି ହିମାଚଳ ପ୍ରଦେଶର ମନାଲିସ୍ଥିତ ଏକ ଆକର୍ଷଣୀୟ ଗାଁ; ଯେଉଁଠାରେ ପର୍ଯ୍ୟଟକ ଅନେକ ଦର୍ଶନୀୟ ସ୍ଥାନ ବୁଲି ଦେଖିବା ସହ ଟ୍ରେକିଂର ମଧ୍ୟ ଭରପୂର ମଜା ନେଇପାରିବେ...**

ହିମାଚଳ ପ୍ରଦେଶର ମନାଲିଠାରୁ ପ୍ରାୟ ୭ କି.ମି ଦୂରରେ ରହିଛି ଏକ ସୁନ୍ଦର ଗାଁ; ଯାହାର ନାଁ ଜଗତ୍ସୁଖ। ଏହି ଗାଁର ପ୍ରାକୃତିକ ପରିବେଶ ଦେଖିବାକୁ ବେଶ୍ ମନମୁଗ୍ଧକର। ତା'ଛଡ଼ା ଏଠାରେ ରହିଛି ଅନେକ ଦର୍ଶନୀୟ ସ୍ଥାନ; ଯାହା ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଖାସ୍ ସେଥିପାଇଁ ପର୍ଯ୍ୟଟନ ଋତୁରେ ଏଠାରେ ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

### କ'ଣ ଦେଖିବେ

ଜଗତ୍ସୁଖ ମନାଲିସ୍ଥିତ ଏକ ସୁନ୍ଦର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ। ଜଗତ୍ସୁଖ ଓ ଏହାର ଆଖପାଖରେ ରହିଛି ଅନେକ ଦର୍ଶନୀୟ ସ୍ଥାନ; ଯେମିତିକି :

* **ଜଗତ୍ସୁଖ ମନ୍ଦିର:** ଭଗବାନ ଶିବଙ୍କୁ ସମର୍ପିତ ଏହି ମନ୍ଦିରର ବାସ୍ତୁକଳା ବେଶ୍ ଆକର୍ଷଣୀୟ। ତା'ଛଡ଼ା ଏଠାକାର ଶାନ୍ତ ପରିବେଶ ମନକୁ ଖୁବ୍ ଶାନ୍ତି ପ୍ରଦାନ କରିଥାଏ।

* **ଗାୟତ୍ରୀ ମନ୍ଦିର:** ଜଗତ୍ସୁଖଠାରୁ ମାତ୍ର ୫ କି.ମି ଦୂରରେ ରହିଛି ଏହି ମନ୍ଦିର। ଦେବୀ ଗାୟତ୍ରୀଙ୍କୁ ସମର୍ପିତ ଏହି ମନ୍ଦିରଟିର ବାସ୍ତୁକଳା ବି ବେଶ୍ ମନୋରମ। ଏହି ମନ୍ଦିର ନିକଟରେ ଭଗବାନ ଶିବଙ୍କୁ ସମର୍ପିତ ଆଉ ଏକ ମନ୍ଦିର ମଧ୍ୟ ଦେଖିବାକୁ ମିଳେ; ଯାହାର ନାଁ ହେଉଛି ଶିକାରା ଶିବ ମନ୍ଦିର।

* **ଓଲ୍ଡ ମନାଲି:** ଜଗତ୍ସୁଖଠାରୁ ମାତ୍ର ୧୩ କି.ମି ଦୂରରେ ରହିଛି ଏହି ସ୍ଥାନ। ଏଠାରେ ଅନେକ ବୈଚିତ୍ର୍ୟମୟ କାଫେ ଓ ରେସ୍ତୋରାଁ ଦେଖିବାକୁ ମିଳେ। ତା'ଛଡ଼ା ଏହି ସ୍ଥାନରେ କପଡ଼ା ଶପିଂ ଏବଂ ଚେରି ବିକ୍ରୟ ବି ଖୁବ୍ ଭଲ ହୋଇଥାଏ।

* **ନଗ୍ଗର:** ଜଗତ୍ସୁଖଠାରୁ ପାଖାପାଖି ୧୮ କି.ମି ଦୂରରେ ଥିବା ଏହା ଏକ ଛୋଟ ସହର। ପ୍ରକୃତିକୁ ଭଲ ପାଉଥିବା ବ୍ୟକ୍ତିଙ୍କ ପାଇଁ ଏହା ସ୍ୱର୍ଗୀୟ ସ୍ଥାନ କହିଲେ ଭୁଲ୍ ହେବନାହିଁ। ଏଠାରେ ଟ୍ରେକିଂ ଓ କ୍ୟାମ୍ପିଂ ପାଇଁ ରହିଛି ଅନେକ ସୁବିଧା ସୁଯୋଗ। ସେହିପରି ଏଠାକାର ଲୋକକଳା ସଂଗ୍ରହାଳୟ ଏବଂ ଗରମ ପାଣିର ଝରଣା ବି ବେଶ୍ ଆକର୍ଷିତ କରିଥାଏ ପର୍ଯ୍ୟଟକଙ୍କୁ। ତା'ଛଡ଼ା ଏହି ସ୍ଥାନରେ ନଗ୍ଗର କୈସଲ ନାମରେ ଏକ ମହଲ ରହିଛି; ଯାହାକୁ ଏବେ ହେରିଟେଜ୍ ହୋଟେଲ୍‌ରେ ପରିବର୍ତ୍ତିତ କରି ଦିଆଯାଇଛି। ବାଉଁଶ ଓ ପଥରରେ ନିର୍ମିତ ଏହି ହେରିଟେଜ୍ ହୋଟେଲ୍ ବି ଦେଖିବାକୁ ବେଶ୍ ସୁନ୍ଦର ଲାଗିଥାଏ।

* **ମନୁ ମନ୍ଦିର:** ମନୁ ଋଷିଙ୍କ ଉଦ୍ଦେଶ୍ୟରେ ଏହା ଏକ ଆକର୍ଷଣୀୟ ମନ୍ଦିର; ଯାହା ଜଗତ୍ସୁଖଠାରୁ ମାତ୍ର ୧୪ କି.ମି ଦୂରରେ ଅବସ୍ଥିତ। ପଗୋଡ଼ା ଶୈଳୀରେ ନିର୍ମିତ ଏହି ମନ୍ଦିରର ଆକର୍ଷଣୀୟ ବାସ୍ତୁକଳା ବେଶ୍ ମନଲୋଭା ହୋଇଥାଏ।

* **ଜୋଗିନି ଝରଣା:** ଜଗତ୍ସୁଖଠାରୁ ପ୍ରାୟ ୧୫ କି.ମି ଦୂରରେ ରହିଛି ଏହି ଝରଣା। ପ୍ରାୟ ୧୫୦ ଫୁଟ ଉଚ୍ଚତାରୁ ଝରୁଥିବା ଏହି ଝରଣାର ପାଣି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ପ୍ରକୃତିପ୍ରେମୀ ତଥା ଦୁଃସାହସିକ କ୍ରୀଡ଼ାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରିୟ ସ୍ଥାନ।


କେବଳ ଏତିକି ନୁହେଁ; ଭୁଣ୍ଟର, ମଣିକରଣ ସାହିବ, ରୋହତାଙ୍ଗ୍ ପାସ୍, କସୋଲ୍, ହିଡ଼ିମ୍ବା ଦେବୀ ମନ୍ଦିର, ଭୃଗୁ ହ୍ରଦ, ନେହେରୁ କୁଣ୍ଡ, ସୁଲତାନ୍‌ପୁର ପ୍ୟାଲେସ୍, କୋଠି ଇତ୍ୟାଦି ହେଉଛି ଜଗତ୍ସୁଖର ନିକଟବର୍ତ୍ତୀ ଆଉ କେତୋଟି ପ୍ରମୁଖ ଦର୍ଶନୀୟ ସ୍ଥାନ।


### ଟ୍ରେକିଂର ମଜା ନିଆରା


ଯେହେତୁ ଜଗତ୍ସୁଖରେ ଅନେକ ପାହାଡ଼ିଆ ସ୍ଥାନ ରହିଛି; ତେଣୁ ଏଠାରେ ପର୍ଯ୍ୟଟକ ଟ୍ରେକିଂର ଭରପୂର ମଜା ନେଇପାରିବେ। କିନ୍ତୁ ଟ୍ରେକିଂରେ ଯିବା ପୂର୍ବରୁ ପୂର୍ବ ପ୍ରସ୍ତୁତି କରିନେବା ନିହାତି ଜରୁରୀ ହୋଇଥାଏ।

### କେବେ ଓ କେମିତି ଯିବେ

ଜଗତ୍ସୁଖ ମନାଲିର ନିକଟତମ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ। ମନାଲିରେ ଯେହେତୁ ଅକ୍ଟୋବରରୁ ଫେବୃୟାରୀ ଶୀତଋତୁ ଚାଲିଥାଏ; ଆଉ ଏହି ସମୟରେ ଏଠାରେ ତୁଷାରପାତ ହୁଏ; ଠିକ୍ ସେମିତି ଜଗତ୍ସୁଖରେ ବି ତୁଷାରପାତ ହୋଇଥାଏ। ତେଣୁ ପର୍ଯ୍ୟଟକ ଚାହିଁଲେ ଏହି ସମୟରେ ଏଠାକୁ ଯାଇ ପ୍ରକୃତିର ଅପୂର୍ବ ଦୃଶ୍ୟ ଉପଭୋଗ କରିପାରିବେ। ସେହିପରି ମାର୍ଚ୍ଚରୁ ଜୁନ୍ ଏଠାରେ ଗ୍ରୀଷ୍ମଋତୁ; ଆଉ ଏହି ସମୟରେ ଜଗତ୍ସୁଖ ଗାଁର ଆକର୍ଷଣୀୟ ପରିବେଶ ଦେଖିବାର ମଜା ହିଁ କିଛି ଅଲଗା ଲାଗେ। ସେହିପରି ଗମନାଗମନ ପାଇଁ ଏଠାରେ ରହିଛି ବେଶ୍ ସୁବିଧା। ପର୍ଯ୍ୟଟକଙ୍କୁ ଫ୍ଲାଇଟ୍ ହେଉ କି ଟ୍ରେନ୍ ଅଥବା ଅନ୍ୟ କୌଣସି ପ୍ରାଇଭେଟ୍ ଯାନ; ପ୍ରଥମେ ମନାଲିରେ ଆସି ପହଞ୍ଚିବାକୁ ହୋଇଥାଏ। ତା'ପରେ ସେଠାରୁ ଜଗତ୍ସୁଖକୁ ଯିବାକୁ ହୁଏ।







# ଆଖି ଡେଇଁବା ପଛର କଥା



ଆଖି ଡେଇଁବାକୁ ନେଇ ଆମ ସମାଜରେ ଅନେକ କିଛି କଥା ଜଡିତ ଅଛି । କିଏ ଏହାକୁ ଶୁଭ ଅଶୁଭ ସହ ଯୋଡେ ତ କିଏ ଅମଙ୍ଗଳ ହେବାର ସଙ୍କେତ ଭାବେ ଗ୍ରହଣ କରେ । ତେବେ ପ୍ରକୃତରେ ଦେଖିବାକୁଗଲେ ଆଖି ଡେଇଁବା ଆମ ସ୍ୱାସ୍ଥ୍ୟ ସହ ଜଡ଼ିତ । ବିଜ୍ଞାନ କହେ ମାଂସପେଶୀରେ ସଙ୍କୋଚନ ହେଲେ ଆଖି ଡେଇଁଥାଏ । ଆଖିର ନର୍ଭ ଆଖି ଡେଇଁବା ପଛର ବଡ଼ କାରଣ ହୋଇଥାଏ । ଆମର ଆଖିପତା ବହୁତ ସମ୍ବେଦନଶୀଳ । ତେଣୁ ନର୍ଭରେ କିଛି କାରଣରୁ ସୃଷ୍ଟି ହେଉଥିବା ସମ୍ବେଦନ ଯୋଗୁ ଆଖି ପଲକ ଡେଇଁପାରେ । ସାଧାରଣତଃ ଆଖି ଡେଇଁବା ଆପେ ବନ୍ଦ ହେଇଯାଇଥାଏ । କିଛି ସେକେଣ୍ଡରୁ ଆରମ୍ଭ ହୋଇ ଦୁଇ ମିନିଟ ପର୍ଯ୍ୟନ୍ତ ବି ଏହା ହୁଏ । ଏମିତିରେ ଚିନ୍ତାର କିଛି ବିଷୟ ନ ଥାଏ । ତେବେ ବେଳେବେଳେ ଆଖି ଡେଇଁବା ଦୀର୍ଘ ସମୟ ଧରି ଜୋର୍ ଜୋର୍ ହୁଏ । ଏମିତିକି ଭଲରେ ଦେଖାଯାଏ ନାହିଁ । ଏଭଳି ସ୍ଥିତିକୁ ବ୍ଲେଫେରୋସ୍ପାଜ୍ମ କୁହାଯାଏ । ଏ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଆଜିର ମଣିଷର ଲାଇଫ୍‌ଷ୍ଟାଇଲ୍ ବି ଅନେକାଂଶରେ ଆଖି ଡେଇଁବା ପଛର କାରଣ ହୋଇପାରେ । ଯେମିତିକି..

**ଷ୍ଟ୍ରେସ୍ ବା ଚାପ:** ଆଜିକାଲି ପ୍ରାୟ ସମସ୍ତେ ଷ୍ଟ୍ରେସ୍‌ରେ ରହୁଛନ୍ତି । ଆଉ ଶରୀର ଏହି ଷ୍ଟ୍ରେସ୍‌କୁ ରିଲିଜ କରିବା ଲାଗି କିଛି ଉପାୟ ଅବଲମ୍ବନ କରେ । ତନ୍ମଧ୍ୟରେ ଆଖି ଡେଇଁବା ବି ଗୋଟେ କାରଣ ହୋଇପାରେ । ଯଦ୍ୱାରା କି ବ୍ରେନ ଡାଇଭର୍ଟ ହୋଇ ଶରୀର ଷ୍ଟ୍ରେସ୍‌ରୁ ବାହାରିପାରେ ।

**ଅତ୍ୟଧିକ କ୍ୟାଫିନ୍ ସେବନ:** ଅଧିକ ଚା', କଫି ପିଇଲେ ଶରୀରରେ କ୍ୟାଫିନର ମାତ୍ରା ବଢ଼ିଯାଏ । କ୍ୟାଫିନ ଶରୀରରେ ମେଟାବୋଲିଜମ୍‌କୁ ବୁଷ୍ଟ କରେ, ହାର୍ଟ ରେଟ୍ ବଢ଼ାଏ, ମସଲ୍ସ ବା ମାଂସପେଶୀରେ ସମ୍ବେଦନଶୀଳତା ବଢ଼ାଇବା କାମ କରେ । ଏହି ମସଲ୍‌ଗୁଡ଼ିକ ଭିତରେ ଆଖିର ମସଲ୍ସ ବି ଥାଇପାରେ ଯାହା ଆଖିର ନର୍ଭ ସହ ଆଟାଚ୍ ହୋଇଥାଏ । ଏହି ମସଲ୍ସ ସମ୍ବେଦଶୀନ ହେବାଯୋଗୁ ଆଖି ଡେଇଁଥାଏ ।





**ଆଲକହଲ:** ଆଲକହଲ ବି କ୍ୟାଫିନ୍ ପରି ଆଖି ପଲକର ସନସେସନ୍‌ର କାରଣ ହୋଇପାରେ । ଯଦି ଆଖି ଡେଇଁବା ସମସ୍ୟା ଲଗାତାର ହେଉଥାଏ ତେବେ ଆଲକହଲ ଉପରେ ତୁରନ୍ତ ନିୟନ୍ତ୍ରଣ ଆଣିବା ଜରୁରୀ ।

ଏହାବାଦ ଆଖି ଡେଇଁବା ସମସ୍ୟା ଆଖି ସହ ଜଡ଼ିତ କିଛି ସ୍ୱାସ୍ଥ୍ୟ ସମସ୍ୟାର କାରଣ ସ୍ୱରୂପ ବି ହୋଇପାରେ । ଯେମିତିକି ଆଖିରେ ଆଲର୍ଜି ହୋଇଥିବା, ଆଖି ଅଧିକ ଥକିଥିବା, ଆଖି ସୁଷ୍କ ହେବା ଆଦି । ଯଦି ଏହାମଧ୍ୟରୁ କିଛି ବି ଆଖି ସମସ୍ୟା ଥାଏ, ତେବେ ଉପଚାର କରାଇଲେ ଆଖି ଡେଇଁବା ସମସ୍ୟା ଦୂରେଇ ଯିବ । ଆଉ ଯଦି ଅଧିକାଂଶ ସମୟ ଆଖି ଡେଉଁଥାଏ ଏହାଯୋଗୁ ଦୃଷ୍ଟିଶକ୍ତି ଦୁର୍ବଳ ହୋଇପାରେ ଓ ଦେଖିବାରେ ଅସୁବିଧା ସୃଷ୍ଟି ହୋଇପାରେ ।



# କପାଳରେ କଲେ କ୍ୟୁଆର କୋଡ୍ ଟାଟୁ

ଆଜିକାଲି ସୋସିଆଲ ମିଡିଆରେ ଏଭଳି ଅନେକ ଅଜବ ଭିଡିଓ ଦେଖିବାକୁ ମିଳୁଛି ଯାହାକୁ ସହଜରେ ବିଶ୍ୱାସ କରିହୁଏ ନାହିଁ । ଏଇ ଯେମିତି ଏବେ ଏକ ଭିଡିଓରେ ଜଣ ବ୍ୟକ୍ତି ନିଜ କପାଳରେ କ୍ୟୁଆର୍ କୋଡ୍ ଟାଟୁ କରାଉଥିବାର ଦେଖିବାକୁ ମିଳେ । ଆଉ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ଏହି କ୍ୟୁଆର୍ କୋଡ୍ ସେହି ବ୍ୟକ୍ତିଙ୍କ ଇନଷ୍ଟାଗ୍ରାମ ପ୍ରୋଫାଇଲ୍‌ର ଅଟେ । ଏମିତିରେ ତ କିଏ ନିଜ ପ୍ରେମିକ,ପ୍ରେମିକାର ଟାଟୁ ଶରୀରର କିଛି ଅଜବ ସ୍ଥାନରେ କରାଉଥିବା ଦେଖିଥିବେ, ହେଲେ କ୍ୟୁଆର କୋଡ୍‌କୁ ମଥାରେ କରାଇବା କଥା ନିଶ୍ଚୟ ଭିନ୍ନ ।

ଉକ୍ତ ଭିଡ଼ିଓରେ ଦେଖିପାରିବେ ବ୍ୟକ୍ତିଜଣକ ପ୍ରଥମେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟର କ୍ୟୁଆର୍ କୋଡ୍‌ର ଷ୍ଟିକର୍ ମଥାରେ ଲଗାଉଛନ୍ତି । ଏହାପରେ ଟାଟୁ ଛୁଞ୍ଚରେ ଫୋଡି ସେଥିରେ ସ୍ୟାହୀ ଭରି ତାକୁ ଟାଟୁର ରୂପ ଦିଆଯାଉଛି । କେବଳ ସେତିକି ନୁହେଁ ଟାଟୁ ହେବାପରେ ମୋବାଇଲରେ ଉକ୍ତ କ୍ୟୁଆର୍ କୋଡ୍‌କୁ ସ୍କାନ କରି ସେ ନିଜ ଇନ୍‌ଷ୍ଟାଗ୍ରାମ ପ୍ରୋଫାଇଲ୍ ଖୋଲୁଥିବା ବି ଏହି ଭିଡିଓରେ ଦେଖିବାକୁ ମିଳେ । ଭାବିଲେ ଯଦି ତାଙ୍କର ଏହି ଆକାଉଣ୍ଟ ହ୍ୟାକ୍ ହେଇଯାଏ ଓ ନୂଆ ଖୋଲିବାକୁ ପଡ଼େ ତେବେ କ'ଣ ହେବ ଏହି ଟାଟୁର ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଅପହୃତ ଉପହାର

ବିନା ମଉସା ଓ ବଟିଆ ଲେଖାଯୋଖାରେ ଦାଦି-ପୁତୁରା । ସମ୍ପର୍କ ସିନା ଲେଖାଯୋଖାରେ, ମାତ୍ର ମେଳକ ଲାଗେ ବଂଶଗତ- ବୟସ, ଚେହେରା ଓ ଚରିତ୍ରରେ । ସହଜେ କେହି ଠଉରେଇ ପାରିବେନି ଯେ, ଏମାନେ ଅଜଣା ଅଲଗା ଜାଗାର ବୋଲି । ଗୋଟାଏ ଘଟଣାକ୍ରମରେ ଏମାନଙ୍କର ପରିଚୟ ହେଲା, ଯେତେବେଳେ କଳାବିକାଶ ଅନୁଷ୍ଠାନ ତରଫରୁ ଅନେକ ସ୍ଥାନରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ମଞ୍ଚରେ ନାଟକ ପ୍ରତିଯୋଗିତା କରାଯାଇଥିଲା । ଗୋଟାଏ ଦଳରେ ଉଭୟେ ଦାଦି –ପୁତୁରା ଭାବରେ ନିଖୁଣ ଅଭିନୟକରି ପୁରସ୍କୃତ ହୋଇଥିଲେ । ସେବେଠୁ ଅସଲ ନାମ ପରିବର୍ତ୍ତେ ଦାଦି–ପୁତୁରା ଭାବେ ସମ୍ବୋଧିତ ହେଉଥିଲେ । ଗଲା ଦୁଇବର୍ଷ କରୋନାକାଳ ଏମିତି କଲା ଯେ, କାହା ସହ କାହାର ଭେଟହେବା ସମ୍ଭବ ହେଲା ନାହିଁ । ହଠାତ୍ ବରଷକ ପରେ ଗୋଟେ ବଡ଼ ସହରରେ ବଟିଆ ବୁଲୁବୁଲୁ ବନା ମଉସାଙ୍କୁ ଦେଖି ଡାକପକାଇଲା –ଦାଦି ! ନମସ୍କାର ! ଆଉ କ'ଣ ଖବର ? ଦାଦି କହିଲେ, 'ନାଇଁରେ ପୁତୁରା, ଖବର କିଛି ଭଲ ନାହିଁ ' । ଏ କରୋନା ଏମିତିକା କଲା ଯେ ନାଟକ ମଞ୍ଚ ନୁହଁ, ବରଂ ଆମ ଭଳିଆ କଳାକାରଙ୍କ ପେଟ –ପକେଟ ଖାଲି ରହିଲା । ଏବେ ବି ବେକାର ହୋଇ ବୁଲୁଛି । ଆଉ ତୋ ଖବର କ'ଣ କହ ! ତୋ ଚେହେରା ସାଙ୍ଗକୁ କଳା ଚଷମା, ସୁଟ, ବୁଟ, ବ୍ଲେଜର, ସୁନା ଚେନ୍ ଦେଖିଲେ ଲାଗୁଛି ତୁ ବଡ଼ ଅୟସରେ ଅଛୁ । ବଟିଆ କହିଲା, ହଁ ଦାଦି । ମୁଁ ଭାରି ଭଲରେ ଅଛି । ମାତ୍ର ତମେ କଷ୍ଟରେ ଅଛ ଜାଣି ବଡ଼ ଦୁଃଖ ଲାଗୁଛି । ଆଚ୍ଛା, ତମେ ଯଦି ମୋ'ପାଇଁ ଏବେ ଦି ଘଣ୍ଟିଆ ବାପାର ଅଭିନୟ କରିପାରିବ, ତେବେ ମୁଁ ହଜାରେ ଟଙ୍କା ଦେବି । ବନା ମଉସା ଭାବିଲେ, ଯା ହେଉ, ଦୁଇଘଣ୍ଟା ଅଭିନୟ କରି ମୋ ପକେଟ ଗରମ ହୋଇଯାଉ । ବୋଧହୁଏ ଦିନରେ କୋଉ ମଞ୍ଚ ନାଟକରେ ମତେ ବାପାର ରୋଲ କରିବାକୁ ଡାକୁଛି । ବଟିଆ ଏଥର ମଉସାଙ୍କୁ ଡାକିନେଲା ବଡ଼ ଟୁ–ହୁଇଲର ଗାଡ଼ି ଶୋ–ରୁମ୍ ପାଖକୁ । ଯେଉଁ ଦୋକାନ ପାଖକୁ ଲାଗି କାଚ–କାନ୍ଥ ଆରପଟେ ଥିଲା ଗୋଟେ ଜୁଏଲେରୀ ଦୋକାନ । ବଟିଆ ଗାଡ଼ି ଶୋ–ରୁମ୍‌ର କାଚ କବାଟ ଖୋଲି ମଉସାଙ୍କୁ ଡାକିଲା, ବାପା ! ଭିତରକୁ ଆସ ! ଶୋ–ରୁମ୍‌ର ମାଲିକ ଓ ମ୍ୟାନେଜରଙ୍କ ପାଖାପାଖି ରହି ଟିକେ ବଡ଼ ପାଟିରେ କହିଲା, ବାପା ! ଆଜି ତମର ଓ ମୋ ବୋଉର ପଚିଶ ବର୍ଷର ମ୍ୟାରେଜ ଆନିଭର୍ସରି । ଆଜି ମୁଁ ତୁମକୁ ଓ ବୋଉକୁ ଯେଉଁ ଗିଫ୍ଟ ଦେବି ଭାବୁଛି, ସେଥିଲେ ପିତୃ–ମାତୃ ଋଣରୁ କିଞ୍ଚିତେ ଶୁଝିବାକୁ ଚେଷ୍ଟାକରିବି । ତମର ଏଇ ବିବାହ ରଜତ ଜୟନ୍ତୀରେ ଏଇଠି ଦେଖ, ତମର ଯୋଉ ସ୍କୁଟି ପସନ୍ଦ, ସେଇଟା ତୁମକୁ କିଣି ଦେବି । ଆରେ ! କି ଗାଡ଼ି ? କିଆଁ ତୁ ମୋ ପାଇଁ କିଣିବୁ ? ନାଇଁ ବାପା, ମୁଁ କିଛି ଶୁଣିବିନି । ଆଜି ଯୋଉ ଗିଫ୍ଟ ଦେବି, ତମେ ମନା ନ କରି ଖୁସିରେ ଗ୍ରହଣ କରିବ । ବୋଉ ପାଇଁ ବି ଶାଢ଼ି ଆଉ ସୁନ୍ଦର ସୁନାହାର ଆଣି ଦେବି । କିରେ ଏ ଗାଡ଼ି, ଶାଢ଼ି, ସୁନାହାର କିଣି କ'ଣ ପାଇଁ ଏତେ ଖର୍ଚ୍ଚ କରିବୁ ?

ଏତିକିବେଳେ ସବୁ ଶୁଣୁଥିବା ମାଲିକ ଓ ମ୍ୟାନେଜର ତାଙ୍କ ପାଖକୁ ଆସି କହିଲେ –ମଉସା ! କାହିଁ ମନା କରୁଛ ? ଏଭଳି ପୁଅ ଆଜିକାଲି ମିଳିବା କଷ୍ଟ । ରାଜି ହୋଇଯାନ୍ତୁ । ଗାଡ଼ି ପସନ୍ଦ କରନ୍ତୁ । ମଉସା କହିଲେ, ନାଇଁ ବାବୁ ମୋର ଶୂନୁଗାଡ଼ି ସାଇକଲ ଭଲ । ଓହୋ ବାପା ! ତମେ ଚୁପ ରୁହ । ହେଇଟି ସାର୍, ଶୁଣନ୍ତୁ ! ମୋ ବାପାଙ୍କ ପାଇଁ ଆଜି ମୁଁ ଏତେବଡ଼ ହୋଇଛି । ଏତେବଡ଼ ଚାକିରି କରି ଲକ୍ଷ ଲକ୍ଷ ଟଙ୍କା ମାସକୁ କମଉଛି । ଏଇ ବାପା ମୋତେ ପିଲାବେଳେ କେତେବେଳେ କାନ୍ଧରେ ତ କେତେବେଳେ ତାଙ୍କ ଭଙ୍ଗା ସାଇକେଲରେ ବସେଇ ସ୍କୁଲଠାରୁ ଆରମ୍ଭକରି କେତେ ଯାନିଯାତରା, ବନ୍ଧୁଘର, ଭୋଜିଭାତକୁ ନେଇଛନ୍ତି । ବାପା–ବୋଉ ଦିନରାତି ଏକ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ମତେ ମଣିଷ କରିଛନ୍ତି । ସେ କଥା ମନେପଡ଼ିଲେ ମୋ ଆଖିରୁ ଲୁହଝରେ । ସାର, ଯେତେଟଙ୍କା ପଡୁ ମୋ ବାପାଙ୍କ ପସନ୍ଦ ସ୍କୁଟି କିଣେଇଦେଲେ, ମୁଁ ପିତୃଋଣରୁ ଟିକେ ତ ମୁକ୍ତିପାଇବି ! ଏତିକି ଶୁଣି ମ୍ୟାନେଜର ମଉସାଙ୍କ ହାତଧରି ଟାଣିନେଇ ଧାଡିରେ ଥିବା ଗାଡ଼ିସବୁ ଦେଖେଇଲେ । କହିଲେ, ପୁଅ



ତ ଟଙ୍କାଦେବେ । ଆପଣ ରଙ୍ଗ ଦେଖି ପସନ୍ଦ କରନ୍ତୁ । ମଉସା କହିଲେ ଇଏ କି କଥା ! ହଉ, ଯେବେ ବାଧକରୁଛ, ତେବେ ସେଇ ନାଲିଆ ଗାଡ଼ି ଦେଖିଲେ, ମୋ ସ୍ତ୍ରୀର ବାହାଘର ବେଳର ଶାଢ଼ି କଥା ମନେପଡୁଛି । ଏମିତିକା ରଙ୍ଗର ଶାଢ଼ି ପିନ୍ଧି ସେ ବେଦିରେ ମୋ ହାତଧରି ଆମ ଘରକୁ ଆସିଥିଲା । ହେଲେ ବାବୁ ! କେଇ ଯେ ଟଙ୍କା ପଡ଼ିବ ? ଯେବେ ବେଶିଗୁଡ଼େ ଟଙ୍କା...! ଓହୋ ବାପା, ପୁଣି ସେଇ ଟଙ୍କା ? ତମ ଖୁସି ଆଗରେ କ'ଣ ଟଙ୍କା ଏତେବଡ଼ ? ସାର୍ ! ସେଇଗାଡ଼ିର ଦାମ କେତେ କୁହନ୍ତୁ । ତାକୁ ହିଁ ନେବି ।

ମାଲିକ ଖାତାଦେଖି କହିଲେ, 'ଏ ଗାଡ଼ିର ଖୁବ ଡିମାଣ୍ଡ । ଲାଟେଷ୍ଟ ମଡେଲ । ମାତ୍ର ଏଇ ଗୋଟେ ଅଛି । ପ୍ରକୃତ ମୂଲ୍ୟ ତ ଲକ୍ଷେ ପଇଁଚାଳିଶ ହଜାର ଷାଠିଏ ଟଙ୍କା । ହେଲେ ଆପଣଙ୍କ ପିତୃଭକ୍ତି ଦେଖି, ମୋ ବାପାଙ୍କ କଥା ମନେ ପଡୁଛି । ତେଣୁ ପାଞ୍ଚହଜାର ଷାଠିଏ ଛାଡ଼କରି ମୁଣ୍ଡାମୁଣ୍ଡି ଲକ୍ଷେ ଚାଳିଶରେ ଦେଇଦେବି । ତା' ସହ ଆସେସୋରିଜ ମଧ ଫ୍ରିରେ.. । ବଟିଆ କହିଲା, ନାଇଁ ସାର । ସେମିତି କହି ମତେ ଲଜ୍ଜିତ କରନ୍ତୁନି । ମୋ ବାପାଙ୍କ ଖୁସି ପାଇଁ ବରଂ ମୁଁ ପାଞ୍ଚହଜାର ମିଶେଇ ଦେଢ଼ଲକ୍ଷ ଦେବି । ସାର୍ ! ସେଇ ଜୁଏଲେରୀ ଶପ କ'ଣ ଆପଣଙ୍କର ? ମାଲିକ କହିଲେ ନା, ସେଇଟା ମୋ ସାନଭାଇ ଟୁନାର । କାହିଁ, କ'ଣ ନେଇଥାନ୍ତେ କି? ହଁ ସାର୍ । ବୋଉ–ବାପାଙ୍କର ଆଜି ପଚିଶବର୍ଷର ରଜତ ଜୟନ୍ତୀ ବିବାହବାର୍ଷିକୀ । ବାପାଙ୍କୁ ସିନା ଗାଡ଼ି, ମାଆକୁ ଗୋଲଡେନ ନେକ୍ଲେଶ ଗିଫ୍ଟ ନ ଦେଲେ –ମନ ବୁଝିବନି । ବାଃ, ଭେରିଗୁଡ୍ ! ଆରେ ହେ ଟୁନା ! ଇଆଡ଼େ ଅଇଲୁ ! ଏ ବାବୁ ତାଙ୍କ ମା' ପାଇଁ କ'ଣ ନେବେ ଦେଖା ତ । ଟୁନା ବାବୁ, ବଟିଆବାବୁଙ୍କୁ ନେଇ ହାର ଦେଖେଇବାରୁ ଦୁଇ ଭରି ଉପରେ ପସନ୍ଦିଆ ହାର ନେଲେ । କହିଲେ.. ସାର୍, ଗାଡ଼ି ତ ବାପାଙ୍କର ପସନ୍ଦ ହେଲା, ହେଲେ ମାଆର ଏ ହାର ଚଏସ ହେବ କି ନା.... ! ମାଲିକ କହିଲେ ଆପଣଙ୍କ ଘର କେତେଦୂର ? ବଟିଆ ବାବୁ କହିଲେ – ହେଇ ଡାକେ ବାଟ । ମାତ୍ର ଦି କିଲୋମିଟର ଭିତରେ । ଯଦି ମୋ ସାଙ୍ଗରେ ଆପଣ କି ସାନଭାଇ ଆସନ୍ତେ, ସ୍କୁଟି ଚାବି ଦିଅନ୍ତେ, ତେବେ ଗାଡ଼ି ଟ୍ରାଏଲ ସାଙ୍ଗରେ ମାଆକୁ ହାର ଦେଖେଇ ଆସନ୍ତି । ମାତ୍ର ହାର ଦାମ କେତେ କହିଲେନି ଯେ..! ଟୁନାବାବୁ ହାରରେ ଲାଗିଥିବା କାଗଜ ଦେଖି କହିଲେ, ଦାମ ଲକ୍ଷେ ପଞ୍ଚଷଠି ହଜାର । କିନ୍ତୁ ଆପଣଙ୍କୁ ଗଢ଼ାମଜୁରି କମେଇ ଲକ୍ଷେ ଷାଠିଏ.. । ବଟିଆବାବୁ କହିଲେ ନୋ ନୋ, ସେମିତି କହନ୍ତୁନି । ଯଦି ମାଆର ପସନ୍ଦ ହୁଏ, ବରଂ ମୁଁ ଲକ୍ଷେ ସତୁରି ଖୁସିରେ ଦେବି । ଏତକ ଶୁଣି ଉଭୟ ମାଲିକ ହାର ଓ ଗାଡ଼ି ଚାବିଦେଇ କହିଲେ, ଓକେ, ଆପଣ ଯାଇ ଘରେ ଦେଖେଇ ଶୀଘ୍ର ଆସନ୍ତୁ । ଆମକୁ ଆପଣଙ୍କ ସହ ଯିବାକୁ ସମୟ ନାହିଁ । ୟୁ ଆର ଭେରିଗୁଡ୍ ସାର । ଆପଣଙ୍କ ବିଶ୍ୱାସ –ବ୍ୟବହାରକୁ ମୋର ନମସ୍କାର । ହେଇଟି ବାପା ! ନିଅ ଏଇ ହଜାରେ ଟଙ୍କା । ସାର୍ ଓ ତାଙ୍କ ଷ୍ଟାଫ୍‌ଙ୍କୁ ଚା, ଥଣ୍ଡା ମଗେଇ ଦେଇ, ତମେ ପିଇ ବସିଥିବ । ମୁଁ ଗଲି ଆଉ ଆଇଲି । ଗାଡ଼ି ମାଲିକ କହିଲେ ସେ ମୋ ପିତୃ ତୁଲ୍ୟ । ଆପଣ ଯାଆନ୍ତୁ । ତାଙ୍କୁ ଚର୍ଚ୍ଚା ଆମେ କରୁଛୁ । ଥ୍ୟାଙ୍କ୍ ୟୁ କହି ବଟବାବୁ ତାଙ୍କ ବାଟରେ ଚାଲିଗଲେ । ଏଣେ ମଉସାଙ୍କୁ ଥଣ୍ଡା, ଚା' ଯାହା ଯାଚିଲେ ମନାକଲେ । ପୁଅର ଆସିବା ଡେରିହେଲେ ବି ମାଲିକ କହିଲେ, ଆପଣ ମଉସା ବଡ଼ ଭାଗ୍ୟବାନ –ଏମିତିକା ପୁଅ ପାଇ । ସେ ଆସିଲେ ବିଲ୍ ପେମେଣ୍ଟ କରି ଗାଡ଼ି ଗିଫ୍ଟ ଦେବେ । ହେଲେ ମଉସା ଘଣ୍ଟେ ହେଲା –ପୁଅ କାହିଁ ଫେରୁନି । ତାଙ୍କ ଫୋନ ନମ୍ବର ଦେଲେ ! ସେ କୋଉଠି ହେଲେଣି ପଚାରିବା । ମଉସା କହିଲେ ନା । ନା ମାନେ !

ମତେ ଲାଗୁଛି ସେ ଆଉ ଫେରିବନି । ବାବୁ, ଫୋନ ନମ୍ବର କ'ଣ ମାଗୁଛ ? ତା' ଠିକଣା ତ ମତେ ଜଣାନାହିଁ ! ଆରେ, ଏ କ'ଣ କହୁଛ ମଉସା ? ସିଏ ତମ ପୁଅ, ତମେ ତାଙ୍କ ବାପାଟି ? କିଏ କାହାର ପିତା କିଏ କାହାର ପୁତ୍ର ? ଏ ସଂସାର ମାୟା ବଡ଼ ବିଚିତ୍ର । ମାଲିକ କହିଲେ, ଏଁ ତେବେ ତା' ସହ କି ସମ୍ପର୍କ ଆପଣଙ୍କର ? ହେ ବାବୁ, ଏ ମିଛ–ମାୟା–ସଂସାର, କେହି ନୁହେଁ କାହାର । ଏ ଭବ–ରଙ୍ଗମଞ୍ଚରେ ଆମେ, ତମେ, ସିଏ, ଇଏ ସମସ୍ତେ ଜଣେଜଣେ କଳାକାର । ମାତ୍ର ମୁଁ ଜଣେ ଦୁଃସ୍ଥ କଳାକାର । ଦୁଇଘଣ୍ଟାର ବାପା ଅଭିନୟକରି, ପାଇଛି ଏଇ ହଜାରେ ଟଙ୍କା ମାତର ।

ଏମିତି କଥା ଶୁଣି ଦି ଭାଇ–ମାଲିକଙ୍କ ଚେତା ବୁଡୁବୁଡୁ, ମଉସା କହିଲେ –ଆରେ, କିଏ ଅଛରେ, ୟାଙ୍କର ଯୋଡ଼େ ଆମ୍ବୁଲାନ୍ସ ଦର୍କାର । ସେଇଠି ଏତିକି କହି ପାର୍ । ତା' ପର ଘଟଣା ଆମ୍ଭଙ୍କୁ ଅଗୋଚର । କୁଆଡ଼େ ଅନେକ ଦିନପରେ ଏଇ ଦାଦି–ପୁତୁରା ବନାମ ପିତା–ପୁତ୍ରଙ୍କର ପୁଣି ଭେଟ ହୋଇଥିଲା । ବିଚାର ଚାଲିଥିଲା–ଚାଲ, ଏଣିକି ଆମେ ଅଭିନେତାରୁ ନେତା ହୋଇଯିବା !

–ମଙ୍ଗରାଜପୁର, ପୁରୀ
ମୋ:୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### କାବ୍ୟ ପ୍ରସଙ୍ଗ

**ବିବେକାନନ୍ଦ ପାଣିଗ୍ରାହୀ**
**ସର୍ଜନା, ପାଣିଗ୍ରାହୀ ସାହି, ଗୋଷାଣୀ ନୂଆଗାଁ, ବ୍ରହ୍ମପୁର ଗଞ୍ଜାମ–୩, ମୂଲ୍ୟ–୧୮୦ଟଙ୍କା**

'କାବ୍ୟ ପ୍ରସଙ୍ଗ' ପୁସ୍ତକରେ ୧୪ଟି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। କୃଷ୍ଣ ସିଂହଙ୍କ ବିଭିନ୍ନ ପୌରାଣିକ ଓ ସାହିତ୍ୟକୁ ନେଇ ବିଭିନ୍ନ ବିଶ୍ଳେଷଣାତ୍ମକ ରଚନା ସ୍ଥାନ ପାଇଛି। ସେହିପରି ରାଜକବି କେଶବରାଜ ହରିଚନ୍ଦନ, ମହାଦେବ ଦାସ, ଦୀନବନ୍ଧୁ ରାଜ ହରିଚନ୍ଦନ, ଶିଶୁ ଶଙ୍କରଙ୍କ ଲେଖା ରହିଛି। ଏଥିରେ କେତେକ କାଳଜୟୀ କବିଙ୍କ ରଚନାବଳୀ ସହିତ ଅନାଲୋଚିତ ଓ ବିସ୍ମୃତ ହୋଇଯାଇଥିବା କିଛି ନମସ୍ୟ କବିଙ୍କୁ ମଧ ଆଲୋଚନାରେ ସ୍ଥାନ ଦିଆଯାଇଛି। ପ୍ରାଚିନ ଓ ମଧ୍ୟଯୁଗୀୟ ସାହିତ୍ୟ ଆଧାରିତ ଏ ପୁସ୍ତକଟି କାବ୍ୟ ଓ ପୁରାଣପ୍ରେମୀ, ଗବେଷକ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ।




### ଓଡ଼ିଆ କ୍ଷୁଦ୍ର ଗଳ୍ପ: ଦିଗ ଓ ଦିଗନ୍ତ

**ଡକ୍ଟର ପ୍ରଦୀପ କୁମାର ସ୍ୱାଇଁ, ପକ୍ଷୀଘର ପ୍ରକାଶନୀ ମଧୁସୂଦନ ନଗର, ଭୁବନେଶ୍ୱର–୧, ମୂଲ୍ୟ–୩୨୫ଟଙ୍କା**

ଏଥିରେ ଲେଖକ ୨୦ଜଣ ଗାଳ୍ପିକଙ୍କ ଉପରେ ଆଲୋଚନା କରିଛନ୍ତି। ସେମାନଙ୍କ ମଧ୍ୟରେ ଫକୀରମୋହନ ସେନାପତି, ଦୟାନିଧି ମିଶ୍ର, କାନ୍ତକବି ଲକ୍ଷ୍ମୀକାନ୍ତ, ଭଗବତୀ ଚରଣ ପାଣିଗ୍ରାହୀ, ଗୋଦାବରୀଶ ମହାପାତ୍ର, ଉଦୟନାଥ ଷଡଙ୍ଗୀ, କାଳିନ୍ଦୀଚରଣ ପାଣିଗ୍ରାହୀ, କାହ୍ନୁଚରଣ ମହାନ୍ତି, ମନୋଜ ଦାସ ଆଦି ରହିଛନ୍ତି। ସମକାଳୀନ ସମାଜର ସମସ୍ୟା ଓ ତା'ର ସଫଳତା ବିଫଳତା ଆଦିକୁ ଗାଳ୍ପିକମାନେ ଯେଉଁଭଳି ଦେଖିଛନ୍ତି ଲେଖକ ସ୍ୱାଇଁ ସେ ବିଷୟରେ ସୁନ୍ଦର ଭାବେ ଆଲୋଚନା କରିଛନ୍ତି। ଏହା ସାହିତ୍ୟରେ ରୁଚି ରଖୁଥିବା ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା।




### ଗାନ୍ଧୀ ପ୍ରସଙ୍ଗ ଓଡ଼ିଶାରେ ଗାନ୍ଧୀ

**ସଂକଳକ– ବିପିନ ବିହାରୀ ମହାନ୍ତି, କାବ୍ୟଲୋକ, ଗ୍ୟାରେଜ ଛକ, ଭୁବନେଶ୍ୱର–୨, ମୂଲ୍ୟ–୩୦୦ଟଙ୍କା**

ପୁସ୍ତକର ପ୍ରଥମ ଭାଗରେ ଗାନ୍ଧୀ ପ୍ରସଙ୍ଗରେ ଗାନ୍ଧିଜୀଙ୍କ ନୀତି, ଆଦର୍ଶ, ସେବା, ସତ୍ୟାଗ୍ରହ, ମୌଳିକ ଶିକ୍ଷା, ଗ୍ରାମ ସ୍ୱରାଜ ଆଦି ଗାନ୍ଧୀ ଦର୍ଶନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ଏହା ସହିତ ମହାତ୍ମା ଗାନ୍ଧୀ ଜାତୀୟ କଂଗ୍ରେସର ମଙ୍ଗ ସମ୍ଭାଳିବା ପରେ ତାଙ୍କ ନେତୃତ୍ୱରେ ହୋଇଥିବା ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ, ଭାରତଛାଡ ଆନ୍ଦୋଳନ ସମ୍ପର୍କିତ ବିବରଣୀ ଏହି ପୁସ୍ତକରେ ସ୍ଥାନୀତ ହୋଇଛି। ଦ୍ୱିତୀୟ ଭାଗରେ ଓଡ଼ିଶାରେ ଗାନ୍ଧୀଙ୍କ ୮ଥର ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର ସୁନ୍ଦର ବିବରଣୀ ସହିତ କେତେଗୋଟି ଘଟଣାର ଅବତାରଣା କରାଯାଇଛି। ଆଶା ପୁସ୍ତକଟି ପାଠକାଦୃତି ଲାଭ କରିବ।



ବ୍ୟାକ୍ ପେଜ୍

# ପାଣି ଓ କୋଲ୍ଡ ଡ୍ରିଙ୍କ୍ସରେ ୫୦ ବର୍ଷ

ଶରୀରକୁ ସୁସ୍ଥ ରଖିବା ଲାଗି ପ୍ରତିଦିନ ପୁଷ୍ଟିକର ଖାଦ୍ୟ ଖାଇବାକୁ ଡାକ୍ତରମାନେ ପରାମର୍ଶ ଦିଅନ୍ତି। ଯଦ୍ଵାରା ଶରୀରକୁ ଉର୍ଜା ମିଳିବା ସହ ଶରୀର ସୁସ୍ଥ ରହେ। ପାଣି ବି ଶରୀର ପାଇଁ ଜରୁରୀ। ହେଲେ କେବେ ଶୁଣିଛନ୍ତି ଖାଦ୍ୟ ନ ଖାଇ କେବଳ ପାଣି ପିଇ କେହି ବର୍ଷ ବର୍ଷ ଧରି ଜିଇବା ? କଥାଟି ଅସମ୍ଭବ ଲାଗୁଥିବ। ହେଲେ ଭିଏତନାମର୍ କ୍ଵାଙ୍ଗ ବିହ୍ନ ପ୍ରାନ୍ତର ବୁଇ ନାମ୍ନୀ ଜଣେ ମହିଳା ଦୀର୍ଘ ବର୍ଷ ଧରି କେବଳ ପାଣି ଓ କୋଲ୍ଡ ଡ୍ରିଙ୍କ୍ସ ପିଇ ଜୀବନଧାରଣ କରୁଛନ୍ତି। ଏହି ମହିଳାଙ୍କ ବୟସ ଏବେ ୭୫ ବର୍ଷ। ଆଉ ସେ ୫୦ ବର୍ଷ ହେବ କିଛି ବି ଭାରି ଖାଦ୍ୟ ଖାଇ ନାହାନ୍ତି। କେବଳ ପାଣି ଓ କୋଲ୍ଡ ଡ୍ରିଙ୍କ୍ସ ପିଇ ଜିଇଛନ୍ତି। ଏହାର ଆରମ୍ଭ ୧୯୬୩ରେ ଯେବେ ସେ ଅନ୍ୟ ମହିଳାଙ୍କ ସହ ମିଶି ଯୁଦ୍ଧରେ ଆହତ ହୋଇଥିବା ସୈନିକଙ୍କ ଚିକିତ୍ସା କରିବା ପାଇଁ ପାହାଡ ଚଢୁଥିଲେ ହୋଇଥିଲା। ସେହି ସମୟରେ ହଠାତ୍ ତାଙ୍କ ଉପରେ ବଜ୍ରାପାତ ହୋଇଥିଲା। ଫଳରେ ତାଙ୍କୁ ଖାଦ୍ୟ ବଦଳରେ କିଛିଦିନ ମିଠା ପାଣି



ଦିଆଗଲା। ସେବେଠାରୁ ତାଙ୍କର ପାଣି ପିଇବା ଅଭ୍ୟାସ ରହିଗଲା। ଏମିତିକି ଖାଦ୍ୟ ବାସ୍ନାରେ ହିଁ ତାଙ୍କୁ ବାନ୍ତି ଲାଗିବାକୁ ଲାଗିଲା। ତେଣୁ ସେ ଖାଦ୍ୟ ଜମାରୁ ଖାଇଲେ ନାହିଁ। ସେ ନିଜ ପିଲାଙ୍କ ପାଇଁ ତ ରୋଷେଇ କରନ୍ତି। ହେଲେ ନିଜେ ଖାଆନ୍ତି ନାହିଁ। ଦୀର୍ଘ ୫୦ ବର୍ଷ ହେବ ସେ ଏମିତି ଜୀବନ ଜିଉଁଛନ୍ତି।





# ରାଜକୁମାରୀ ପରି ସଜେଇ ହେବା ଚାକିରି

ପିଲାମାନଙ୍କୁ କାର୍ଟୁନ ଦେଖିବାକୁ ଭାରି ଭଲ ଲାଗେ। ତା'ସହ କାର୍ଟୁନ ପରି ଜୀବନ ଜିଇବାକୁ ବି ସେମାନଙ୍କର ଇଚ୍ଛା ହୁଏ। କୁନି ଝିଅଙ୍କୁ ତ ଡିଜ୍‌ନୀ ଲାଣ୍ଡର ରାଜକୁମାରୀଙ୍କ ପରି ସୁନ୍ଦର ଗାଉନ ପିନ୍ଧି ସଜେଇ ହେବାକୁ ଭଲ ଲାଗେ। ବଡ଼ ହେବା ପରେ କିନ୍ତୁ ପିଲାଦିନର ଏଇସବୁ କଥା ମନେ ପଡ଼ି ଭାରି ହସ ଲାଗେ। ଆଉ ମନରେ ଆସେ କାର୍ଟୁନ ଜୀବନ ଜିଇବା କ'ଣ ସମ୍ଭବ ? ତେବେ ଲସ୍‌ଆଞ୍ଜେଲସ୍‌ର ୨୭ ବର୍ଷୀୟା ମାୟା ବ୍ରାଉନ ନାମ୍ନୀ ମହିଳା କିନ୍ତୁ ପିଲାଦିନେ ଯେଉଁ ଡିଜ୍‌ନୀଲାଣ୍ଡର ରାଜକୁମାରୀଙ୍କ ପରି ସଜେଇ ହେଉଥିଲେ ଏବେବି ସେ ସେଇ କାଳ୍ପନିକ ରାଜକୁମାରୀଙ୍କ ପରି ରହୁଛନ୍ତି, ସେହିଭଳି ସଜେଇ ହେଉଛନ୍ତି। ଆଉ ଏଭଳି ସଜେଇ ହେବାକୁ ସେ ତାଙ୍କର ପେସା ବି କରିଦେଇଛନ୍ତି। ପିଲାଦିନେ ସେ ଭାବୁଥିଲେ ବଡ଼ ହେଲେ ଦିନେ ପ୍ରଫେସନାଲ ପ୍ରିନ୍ସେସ ହେବେ। ବଡ଼ ହେବା ପରେ ତାଙ୍କର ଏଇ ସ୍ଵପ୍ନ ପୂରଣ ବି ହେଲା। ୨୦୨୨ରେ ତାଙ୍କୁ ଏଭଳି ଏକ ଚାକିରି ମିଳିଲା ଯେଉଁଥିରେ ତାଙ୍କୁ ଡିଜ୍‌ନୀ ପ୍ରିନ୍ସେସ୍ ପରି ସଜେଇ ହେବାକୁ ପଡେ ଓ ପିଲାଙ୍କ ଜନ୍ମଦିନ ପାର୍ଟିକୁ ଯାଇ ମନୋରଞ୍ଜନ କରିବାକୁ ହୁଏ। ଏଥିପାଇଁ ସେ କେବେ ଆଲ୍ଲାଦୀନ କାର୍ଟୁନର ଜାସ୍ମିନ ପାଲଟି ଯାଆନ୍ତି ତ କେବେ ମୋଆନାର ରୂପ ନିଅନ୍ତି। ପାର୍ଟିରେ ପିଲାଙ୍କୁ ମନୋରଞ୍ଜନ କରିବା ଲାଗି ୧ ଘଣ୍ଟାକୁ ତାଙ୍କୁ ୮୦୦୦ଟଙ୍କାରୁ ଉର୍ଦ୍ଧ୍ଵ ଟଙ୍କା ମିଳେ। ଦିନକୁ ସେ ଦୁଇରୁ ଉର୍ଦ୍ଧ୍ଵ ପାର୍ଟିରେ ସାମିଲ ହୁଅନ୍ତି। ପିଲାଙ୍କୁ ମନୋରଞ୍ଜନ କରନ୍ତି, ତାଙ୍କୁ ଗପ କୁହନ୍ତି, ଖେଳନ୍ତି ଓ ତାଙ୍କ ସହ ଫଟୋ ଉଠାନ୍ତି। ମାୟା କୁହନ୍ତି, ଟଙ୍କା ଅପେକ୍ଷା ପିଲାଙ୍କ ସହ ବିତାଉଥିବା ସମୟ ଓ ଅନୁଭବ ମତେ ବେଶି ଆତ୍ମସନ୍ତୋଷ ପ୍ରଦାନ କରେ। ଯେଉଁପିଲା ଡିଜ୍‌ନୀଲାଣ୍ଡ ଯାଇପାରନ୍ତି ନାହିଁ ମତେ ଦେଖି କାର୍ଟୁନ୍ ରାଜକୁମାରୀ ମନେ କରି ବହୁତ ଖୁସି ହୁଅନ୍ତି। ଆଉ ପିଲାଙ୍କୁ ଖାସ୍ ଅନୁଭବ କରାଇବା ଓ ଖୁସି ଦେବାରେ ମତେ ଖୁସି ମିଳେ।'



# ପବନରେ ତିଆରି ବ୍ୟାଗ୍

ବ୍ୟାଗ ତ ବିଭିନ୍ନ ପ୍ରକାରର ଦେଖିଥିବେ। କିଛି ବ୍ୟାଗ ଦେଖି ଆଶ୍ଚର୍ଯ୍ୟ ବି ଲାଗିଥିବ। ତେବେ ଆମେ ଏଠାରେ ଏଭଳି ଏକ ବ୍ୟାଗ ସମ୍ପର୍କରେ କହୁଛୁ ଯାହା ଏତେ ଅଜବ ଯେ, ଭାବିବେ ୟା'ଠୁ ଆଶ୍ଚର୍ଯ୍ୟକର ବ୍ୟାଗ ଆଉ କେଉଁଟି ହେଇ ନ ପାରେ। କାରଣ ଉକ୍ତ ବ୍ୟାଗ୍ ପବନରେ ତିଆରି। ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ ଯେ, ଏହି ବ୍ୟାଗ ୯୯% ପବନରେ ଓ ଏକ ପ୍ରତିଶତ କାଚକୁ ବ୍ୟବହାର କରି ତିଆରି କରାଯାଇଛି। ଦେଖିବାକୁ ପୁରାପୁରି ଟ୍ରାନ୍ସପରେଣ୍ଟ ଏହି ବ୍ୟାଗ୍‌ର ଓଜନ ମାତ୍ର ୩୩ ଗ୍ରା.। ନିକଟରେ ହୋଇଥିବା ପ୍ୟାରିସ ଫ୍ୟାଶନ ୱିକ୍‌ରେ କୋପର୍ନି ନାମକ କମ୍ପାନୀ ନିଜର ଏହି ବ୍ୟାଗ୍‌କୁ ଲଞ୍ଚ କରିଛି। ଏହି ବ୍ୟାଗ୍‌ରେ ସ୍ଵତନ୍ତ୍ରଧରଣର କାଚ ପରି ପଦାର୍ଥ ଛଡ଼ା ଆଉ କିଛି ବ୍ୟବହାର କରାଯାଇ ନାହିଁ। ଦେଖିବାକୁ ଏହି ବ୍ୟାଗ ହାଲ୍‌କା ଓ ସୂକ୍ଷ୍ମ ଲାଗୁଥିଲେ ହେଁ ଏହା ଖୁବ୍ ମଜଭୂତ। ଏହା ନିଜ ଓଜନଠାରୁ ୪୦୦୦ ଗୁଣ ଅଧିକ ଓଜନର ସାମଗ୍ରୀର ଭାର ଟେକିପାରେ। ନ୍ୟୁୟର୍କ ପୋଷ୍ଟର ରିପୋର୍ଟ ମୁତାବକ ଏହି କୋପର୍ନି କମ୍ପାନୀ ନାସା ସହ ମିଶି ଉକ୍ତ ବ୍ୟାଗ ତିଆରି କରିଛି। କମ୍ପାନୀ ଅନୁସାରେ ଏହି ଏୟାର ସ୍ଵାଇପ ବ୍ୟାଗ୍ ସ୍ପେସ ଟେକ୍ନୋଲୋଜୀ ନାନୋ ମାଟେରିଆଲରେ ତିଆରି ସବୁଠାରୁ ଖାସ୍ ବ୍ୟାଗ୍। ତେବେ ଉକ୍ତ ବ୍ୟାଗ୍‌ର ମୂଲ୍ୟ ଏଯାଏ ଧାର୍ଯ୍ୟ କରାଯାଇ ନାହିଁ।